

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୨ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 12 OCTOBER 2022

Vol.No. 33 ■ No. 264 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଚିଟଫଣ୍ଡ ଦୁର୍ନୀତି ମାମଲା, ରାଜ୍ୟ ସରକାର ଓ ସିବିଆଇକୁ ସୁପ୍ରିମକୋର୍ଟଙ୍କ ନୋଟିସ

ନୂଆଦିଲ୍ଲୀ, ୧୧/୧୦ : ଚିଟଫଣ୍ଡ ଦୁର୍ନୀତି ମାମଲାକୁ ୧୦ ବର୍ଷ ପୁରିଲାଣି । ନା ଜମାକାରୀଙ୍କୁ ଟଙ୍କା ଫେରସ୍ତ ମିଳିଲା ନା ଦୁର୍ନୀତି କରିଥିବା ଲୋକଙ୍କୁ ସଠିକ ଦଣ୍ଡ ମିଳିଲା । ଗୋଟିଏ ପଟେ ଜମାକାରୀ ନିଜର କଷ୍ଟ ଉପାର୍ଜିତ ଧନ ହରାଇ ହତାସ ଭିତରେ କାଳ କାଟୁଛନ୍ତି ତ କିଛି ଜମାକାରୀ ଏସବୁ କଥାକୁ ଭୁଲି ଗଲେଣି । ହେଲେ ଏବେ ପୁଣି ସୁପ୍ରିମକୋର୍ଟ ଜମାକାରୀଙ୍କ ମନରେ ଆଶା ସଂଚାର କରିଛି । ଓଡିଶାରେ ହୋଇଥିବା ଚିଟଫଣ୍ଡ ଦୁର୍ନୀତି ମାମଲାରେ ସୁପ୍ରିମକୋର୍ଟ ସିବିଆଇ ଓ ଓଡିଶା ସରକାରଙ୍କୁ ନୋଟିସ ଜାରି କରିଛନ୍ତି । ଜମାକାରୀଙ୍କୁ ଟଙ୍କା ଫେରସ୍ତ କରିବା ନେଇ ସାମାଜିକ କର୍ମୀ ପିନାକ ପାଣି ମହାନ୍ତିଙ୍କ ଦ୍ୱାରା କରାଯାଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି କୋର୍ଟ ଏହି ନୋଟିସ ଜାରି କରିଛନ୍ତି । ବିଚାରପତି ଜଷ୍ଟିସ ଏମଆର ଶାହା ଓ ବିଚାରପତି ଜଷ୍ଟିସ କ୍ରୀଷ୍ଣା ମୁରାରୀଙ୍କ ଖଣ୍ଡପୀଠ ଏହି ଶୁଣାଣି କରିଥିଲେ । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଯୁକ୍ତି ଉପସ୍ଥାପନ କରି କହିଥିଲେ କି, ପିଟିସନ ବା ଦଲିଲରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି । ଏହି ମାମଲାକୁ ୯ ବର୍ଷ ପୁରି ଯାଇଥିଲେ ବି ଜଣେ କେହି ଜମାକାରୀ ସେମାନଙ୍କ ଜମା ଅର୍ଥ ଫେରସ୍ତ ପାଇପାରି ନାହାଁନ୍ତି । ସେପଟେ ସରକାରଙ୍କ ତରଫରୁ ଚିଟଫଣ୍ଡ କମ୍ପାନୀର ଅନେକ ସମ୍ପତ୍ତି ଜବତ ହୋଇଛି । ହେଲେ ଜମାକାରୀଙ୍କୁ ଗୋଟିଏ ବି ଟଙ୍କା ଫେରସ୍ତ କରାଯାଇନାହିଁ ବୋଲି ପ୍ରଶାନ୍ତ ଭୂଷଣ ଯୁକ୍ତି ବାଢିଥିଲେ । ଏହାସହ ଓଡିଶାରେ ସାହାରା କମ୍ପାନୀର ୪ ଟି କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ୨ ଲକ୍ଷ ଟଙ୍କା ଠକିଥିବା ଅଭିଯୋଗ କରି ସେମାନଙ୍କ ବିରୋଧରେ ସିବିଆଇ ଯାଂଚ ପାଇଁ ନିର୍ଦ୍ଦେଶ ଦେବାକୁ ଓକିଲ ପ୍ରଶାନ୍ତ ଭୂଷଣ ଖଣ୍ଡପୀଠର ଦୃଷ୍ଟି ଆକର୍ଷଣ କରିଥିଲେ ।

ଉଜ୍ଜୈନ ମହାକାଳ କରିଡର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ, ୧୧/୧୦ : ଅଦ୍ଭୁତ, ଅବିଶ୍ୱସନୀୟ, ଅକଳ୍ପନୀୟ, ଅଦ୍ୱିତୀୟ, ଅଲୌକିକ । ମଧ୍ୟପ୍ରଦେଶର ଉଜ୍ଜୈନରେ ନିର୍ମିତ ଭବ୍ୟ ମହାକାଳେଶ୍ୱର ମନ୍ଦିର କରିଡର । ୮୫୬ କୋଟି ଟଙ୍କା ପ୍ରକଳ୍ପରେ ନିର୍ମିତ ମହାକାଳ କରିଡର ଦେଶର ଅନ୍ୟତମ ପ୍ରମୁଖ ଧାର୍ମିକ ସ୍ଥଳୀ ହେବାକୁ ଯାଉଛି । ଏହି ମନ୍ଦିର ଭାରତର ୧୨ ଜୋର୍ତିଲିଙ୍ଗ ମଧ୍ୟରୁ ଅନ୍ୟତମ । ୯୦୦ ମିଟର ଲମ୍ବର ଏହି କରିଡରରେ ଭଗବାନ ଶିବ ଏବଂ ପାର୍ବତୀଙ୍କ ୨ ଶହ ମିଟର ମୂର୍ତି ରହିବ । ମଧ୍ୟପ୍ରଦେଶର ପର୍ଯ୍ୟଟନ ଏବଂ ସଂସ୍କୃତିର ବିକାଶ ପାଇଁ ଏହି ପ୍ରକଳ୍ପ କରାଯାଇଛି । ପ୍ରଥମ ପର୍ଯ୍ୟାୟ କାମ ଶେଷ ହୋଇସାରିଛି । ଯେଉଁଥିରେ ମହାକାଳ ପଥ, ମହାକାଳ ବାଟିକା, ମହାକାଳ ପ୍ଲାଜା, ମିଡଓ୍ୱେ ଜୋନ, ମହାକାଳ ଥିମ ପାର୍କର ବିକାଶ କରାଯାଇଛି । ଏହି ପୂରା କରିଡରକୁ ନିର୍ମିତ କରିବା ପାଇଁ କେବଳ ଆଧ୍ୟାତ୍ମିକତାକୁ ଦୃଷ୍ଟିରେ ରଖାଯାଇନାହିଁ । ଏହାକୁ ଆଧୁନିକୀକରଣ ଓ ସ୍ମାର୍ଟ ରଖାଯିବା ପାଇଁ ପୂରା ପ୍ରୟାସ କରାଯାଇଛି । ମହାକାଳ ମନ୍ଦିର ପାଇଁ ପୂର୍ବରୁ କେବଳ ୨. ୮୨ ହେକ୍ଟର ଧାର୍ଯ୍ୟ ହୋଇଥିଲା । କିନ୍ତୁ ଏହା ଏବେ ୨୦ ଗୁଣା ବଢ଼ି ୨୦.୨୩ ହେକ୍ଟର ହୋଇଯାଇଛି । ଏହି ଭବ୍ୟ କରିଡରର ପୂର୍ଣ୍ଣ ପରିକ୍ରମା ପାଇଁ ଅତିକମରେ ୫ ଘଂଟା ସମୟ ଲାଗିବ । ଉଜ୍ଜୈନର ଏହି ମହାକାଳ ଲୋକ କରିଡରକୁ ଦୁଇଟି ପର୍ଯ୍ୟାୟରେ ନିର୍ମିତ କରାଯାଉଛି । ପ୍ରଥମ ପର୍ଯ୍ୟାୟ ପ୍ରାୟତଃ ▶▶ପୃଷ୍ଠା ୭

କଳିଙ୍ଗ ଷ୍ଟାଡିୟମରେ ବିଧାୟକ ସୁର ରାଉତରାୟଙ୍କୁ ଦୁର୍ବ୍ୟବହାର

ଭୁବନେଶ୍ୱର, ୧୧/୧୦(ନି.ପ୍ର): ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହୋଇଛି ୟୁ-୧୭ ମହିଳା ଫୁଟବଲ୍ ବିଶ୍ୱକପ୍। ମ୍ୟାଚ୍ ଦେଖିବା ପାଇଁ କଂଗ୍ରେସ ବିଧାୟକ ସୁର ରାଉତରାୟଙ୍କୁ ନିମଯନ୍ତ୍ରଣ କରାଯାଇଥିଲା। ଆଥଲେଟିକ ଆସୋସିଏସନ ସଭାପତି ଭାବେ ତାଙ୍କୁ ଏକ ପାସ୍ ଦିଆଯାଇଥିଲା। ପାସ୍ ପାଇବା ପରେ ଶ୍ରୀ ରାଉତରାୟ ଖେଳ ଦେଖିବା ପାଇଁ ଷ୍ଟାଡିୟମ୍ ଭିତରେ ପ୍ରବେଶ କରୁଥିଲେ। ତେବେ ଗେଟ୍ ପାଖରେ ଛିଡ଼ା ହୋଇଥିବା ଜଣେ ବିଦେଶୀ ସୁରକ୍ଷା କର୍ମୀ ଶ୍ରୀ ରାଉତରାୟଙ୍କୁ ପ୍ରଥମେ ଅଟକାଇ ଥିଲେ। ପରେ ତାଙ୍କୁ ଟିକଟ ମାଗିଥିଲେ। ଏହା ପରେ ଶ୍ରୀ ରାଉତରାୟ ପାଖରେ ରଖିଥିବା ପାସ୍ ଦେଖାଇଥିଲେ। ତଥାପି ସୁରକ୍ଷା କର୍ମୀ ଜଣକ ତାଙ୍କୁ ଛାଡ଼ି ନଥିଲେ। ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏପରିକି ତାଙ୍କ ବାହୁ ଧରି ବାହାର କରିଦେଇଥିବା ଅଭିଯୋଗ ହୋଇଛି। ଅପମାନିତ ହୋଇ ଫେରିବା ପରେ ସୁର ରାଉତରାୟ ଗଣମାଧ୍ୟମକୁ କହିଛନ୍ତି, ମୋତେ ବହୁ ମାତ୍ରାରେ ଅପମାନିତ କରାଯାଇଛି। ନବୀନ ବାବୁ ▶▶ପୃଷ୍ଠା ୭

ପଞ୍ଚଭୂତରେ ବିଲୀନ ହେଲେ ମୁଲାୟମ ସିଂ ଯାଦବ

ନୂଆଦିଲ୍ଲୀ, ୧୧/୧୦ : ପଞ୍ଚଭୂତରେ ବିଲୀନ ହେଲେ ମୁଲାୟମ ସିଂ ଯାଦବ । ସମାଜବାଦୀ ପାର୍ଟିର ସଂସ୍ଥାପକ ତଥା ଉତ୍ତର ପ୍ରଦେଶରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଶେଷକୃତ୍ୟ ସୈଫଇରେ ଶେଷ ହୋଇଛି। ଅନ୍ତିମ ସଂସ୍କାର ବେଳେ ଲକ୍ଷାଧିକ ସଂଖ୍ୟାରେ ଭିଡ ଦେଖିବାକୁ ମିଳିଥିଲା । ଲୋକେ ଗଛ ଉପରେ ଚଢି ଅନ୍ତିମ ସଂସ୍କାର ଦେଖୁଥିବା ମଧ୍ୟ ସାମ୍ନାକୁ ଆସିଥିଲା । ପୁଅ ଅଖିଳେଶ ଯାଦବ ମୁଖାଗ୍ନି ଦେବା ପରେ ଅନ୍ତିମ ସଂସ୍କାର ଶେଷ ହୋଇଛି । ସୋମବାର ଗୁରୁଗ୍ରାମର ମେଦାନ୍ତ ଡାକ୍ତରଖାନାରେ ୮୨ ବର୍ଷୀୟ ମୁଲାୟମ ସିଂହ ଯାଦବଙ୍କ ଦେହାନ୍ତ ହୋଇଥିଲା । ଅନ୍ତିମ ସଂସ୍କାରରେ ବିଭିନ୍ନ ରାଜନୈତିକ ଦଳର ଅନେକ ନେତା ସାମିଲ ହୋଇଥିଲେ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ଏନସିପି ଅଧ୍ୟକ୍ଷ ଶରଦ ପାଓ୍ୱାର, ସାଂସଦ ଜୟା ବଚ୍ଚନ, ଅଭିଶେକ ବଚ୍ଚନ ଉପସ୍ଥିତ ରହି ନେତାଜୀଙ୍କ ଶେଷକୃତ୍ୟରେ ସାମିଲ ହୋଇଥିଲେ । ସେହିଭଳି ସଚିନ ପାଇଲଟ, ଛତିଶଗଡ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ମଧ୍ୟ ଉପସ୍ଥିତ ରହିଥିଲେ । ସୈଫଇରେ ଅନ୍ତିମ ଯାତ୍ରା ବେଳେ ଅନେକ ସଂଖ୍ୟାରେ ଲୋକେ ସାମିଲ ହୋଇ ନିଜର ପ୍ରିୟ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ବସରେ ମରଶରୀର ନେବାସମୟରେ ଅଖିଳେଶ ଯାଦବ, ଶିବପାଲ ଯାଦବ, ବାବା ରାମଦେବ ଉପସ୍ଥିତ ରହିଥିଲେ ।

ଛିଣ୍ଡିଲା ଦଳୀୟ ଚିହ୍ନକୁ ନେଇ ବିବାଦ: ସିନ୍ଦେ ଗୋଷ୍ଠୀଙ୍କୁ ମିଳିଲା ଦୁଇଟି ଖଣ୍ଡା ଓ ଢାଲ ଚିହ୍ନ ସହ ନାଁ

ନୂଆଦିଲ୍ଲୀ, ୧୧/୧୦ : ଉଦ୍ଧବ ଠାକରେଙ୍କ ପରେ ଏକନାଥ ସିନ୍ଦେ ଗୋଷ୍ଠୀକୁ ମିଳିଲା ନିର୍ବାଚନୀ ଚିହ୍ନ । ନିର୍ବାଚନ କମିଶନ ମଙ୍ଗଳବାର ସିନ୍ଦେ ଗୋଷ୍ଠୀକୁ ଦୁଇଟି ଖଣ୍ଡା ଓ ଢାଲ ଚିହ୍ନ ପ୍ରଦାନ କରିଛନ୍ତି । ନିକଟରେ ସିନ୍ଦେ ଗୋଷ୍ଠୀର ନାମକରଣ 'ବାଲାସାହେବଂଚି ଶିବସେନା' ଦିଆଯାଇଥିଲା । ମହାରାଷ୍ଟ୍ରରେ ନିଜକୁ ପ୍ରକୃତ ଶିବସେନା ଦାବି କରିଆସୁଥିବା ସିନ୍ଦେ ଗୋଷ୍ଠୀ ଦଳର ନିର୍ବାଚନ ଚିହ୍ନ ନିର୍ଦ୍ଧାରଣ ପାଇଁ ନିର୍ବାଚନ କମିଶନଙ୍କୁ ତିନୋଟି ପ୍ରସ୍ତାବ ଦେଇଥିଲେ । ଏହି ତିନି ଚିହ୍ନ ହେଉଛି, ସୂର୍ଯ୍ୟ, ଢାଲ ଏବଂ ଖଣ୍ଡା ଓ ବରଗଛ । ତେବେ ସିନ୍ଦେ ଗୋଷ୍ଠୀ ତରଫରୁ ସୂର୍ଯ୍ୟ ଚିହ୍ନକୁ ପ୍ରାଧାନ୍ୟ ଦେଇଥିଲେ । ଏହା ପୂର୍ବରୁ ସୋମବାର ଠାକରେ ଗୋଷ୍ଠୀ ପାଇଁ ଦଳର ନାଁ ଓ ନିର୍ବାଚନୀ ଚିହ୍ନ ଧାର୍ଯ୍ୟ କରିଥିଲେ ନିର୍ବାଚନ କମିଶନ । ଉଦ୍ଧବ ଗୋଷ୍ଠୀ ଦଳର ନାଁ 'ଶିବସେନା ଉଦ୍ଧବ ବାଲାସାହେବ ଠାକରେ' ରଖାଯାଇଛି । ତେବେ ଉଦ୍ଧବଙ୍କ ଦଳକୁ ନିର୍ବାଚନୀ ଚିହ୍ନ ଭାବେ ଜ୍ୱଳନ୍ତ ମଶାଲ ବଂଟନ କରାଯାଇଛି । ▶▶ପୃଷ୍ଠା ୭

ବର୍ଜ୍ୟ ଜଳରୁ ଜଣାପଡିବ କୋଭିଡ ସ୍ଥିତି

ଭୁବନେଶ୍ୱର, ୧୧/୧୦(ନି.ପ୍ର): ବର୍ଜ୍ୟ ଜଳରୁ କୋଭିଡ ସ୍ଥିତି ଏବଂ ସଂକ୍ରମଣ ବଢିବାର ଆଶଙ୍କା ରହିଛି କି ନାହିଁ ସେ ବାବଦରେ ଜାଣିହେବ। ରାଜ୍ୟ ସରକାରଙ୍କ ସହଯୋଗରେ ଏନେଇ ଗବେଷଣା କରିବ ଅ।ର ଏମ ଅ।ର ସି । ଆଇସିଏମଆର ର ପରାମର୍ଶରେ ବିଭିନ୍ନ ରାଜ୍ୟରେ ଏହି ଗବେଷଣା ହେବାକୁ ଥିବା ବେଳେ ଓଡ଼ିଶାରେ ବି ବର୍ଜ୍ୟଜଳକୁ ନେଇ ଗବେଷଣା ହେବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି ଯେ, ଆରଟିପିସିଆର ଟେଷ୍ଟ ଭଳି ଏହି ସାମ୍ପୁଲ ଟେଷ୍ଟ କରାଯିବ। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର, କଟକ ଓ ପୁରୀରେ ଏହି ଗବେଷଣା ଆରମ୍ଭ ହେବ। ଅଧ୍ୟୟନରେ କୋଭିଡ୍ ସ୍ଥିତି ସମେତ ହଇଜା, ଦଣ୍ଡିସ୍ ପ୍ରଭୃତି ସଂକ୍ରମଣ ବୃଦ୍ଧି ସ୍ଥିତି ଜାଣି ହେବ। ଫଳରେ ଏହାର ନିରାକରଣ ପ୍ରସ୍ତୁତି ସରକାର ଶୀଘ୍ର ଓ ଆଗୁଆ କରିପାରିବେ। ତେଣୁ ସ୍ୱାସ୍ଥ୍ୟ ବିଭାଗ ଏହାକୁ ଗ୍ରହଣ କରି ଅଧ୍ୟୟନ କରିବାକୁ ଆରଏମଆରସିକୁ କହିଛି।

ମନ୍ଦାକିନୀ କର ହେଲେ ଓଏସସିପିସିଆର ଅଧ୍ୟକ୍ଷା

ଭୁବନେଶ୍ୱର, ୧୧/୧୦(ନି.ପ୍ର): ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସସିପିସିଆର)ରେ ନୂଆ ଅଧ୍ୟକ୍ଷାଙ୍କୁ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। ମନ୍ଦାକିନୀ କରଙ୍କୁ ଶିଶୁ ଅଧିକାର ସୁରକ୍ଷା ଆୟୋଗର ନୂଆ ଅଧ୍ୟକ୍ଷା ଭାବେ ନିଯୁକ୍ତି ଦିଆଯାଇଛି। ତାଙ୍କ ପୂର୍ବରୁ ସନ୍ଧ୍ୟାବତୀ ପ୍ରଧାନ ଏହି ଦାୟିତ୍ୱରେ ଥିଲେ ।

ୟୁକ୍ରେନକୁ ଏୟାର ଡିଫେନ୍ସ ସିଷ୍ଟମ ଦେବ ଆମେରିକା

ୱାଶିଂଟନ, ୧୧/୧୦ : ପୁଣିଥରେ ୟୁକ୍ରେନ ସମର୍ଥନରେ ଠିଆ ହୋଇଛି ଆମେରିକା। ହ୍ୱାଇଟ୍ ହାଉସ ପକ୍ଷରୁ କୁହାଯାଇଛି ଯେ, ଯୁଦ୍ଧତ୍ରସ୍ତ ୟୁକ୍ରେନକୁ ସବୁ ପ୍ରକାରର ସହାୟତା ଦେବାକୁ ଆମେରିକା ପ୍ରତିଶ୍ରୁତି ବଦ୍ଧ। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦମିର୍ ଜେଲେନସ୍କିଙ୍କୁ ଆଡଭାନ୍ସ ଏୟାର ଡିଫେନ୍ସ ସିଷ୍ଟମ ଦେବାକୁ ରାଷ୍ଟ୍ରପତି ଜୋ ବାଇଡେନ୍ ପ୍ରତିଶ୍ରୁତି ଦେଇଥିବା ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଛି। କେବଳ ସେତିକି ନୁହେଁ ରୁଷ ଆକ୍ରମଣକୁ ପ୍ରତିରୋଧ ସହ ଜବାବ ଦେବାକୁ ୟୁକ୍ରେନକୁ ସୁରକ୍ଷା, ଆର୍ଥିକ ଏବଂ ମାନବୀୟ ସହାୟତା ପ୍ରଦାନ କରିବ ଆମେରିକା। ସେହିପରି ଆମେରିକା ଏବଂ ସହଯୋଗୀ ଦେଶ ରୁଷ ଉପରେ ପ୍ରତିବନ୍ଧକ ଲଗାଇବା ମଧ୍ୟ ଜାରି ରଖିବେ। ସୋମବାର ୟୁକ୍ରେନର ଏକାଧିକ ସହର ଉପରେ ଆକ୍ରମଣ କରିଥିଲା ରୁଷ। କୁହାଯାଉଛି, ରୁଷ ଉପରେ ୭୫ ଟି ମିସାଇଲ ମାଡ ହୋଇଛି। ଏଥିରେ ୟୁକ୍ରେନର ଅନେକ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି। ୟୁକ୍ରେନ ଉପରେ ରୁଷର ଆକ୍ରମଣକୁ ନିନ୍ଦା କରିବା ସହ ମସ୍କୋ କ୍ରୁରତାର ସମସ୍ତ ସୀମା ଟପିଯାଇଥିବା ଆମେରିକା ପକ୍ଷରୁ କୁହାଯାଇଛି। ସେପଟେ କ୍ରିମିଆ ବ୍ରିଜ୍ ଉପରେ ମିସାଇଲ୍ ଆକ୍ରମଣକୁ ଆତଙ୍କବାଦୀ ଆକ୍ରମଣ କୁହାଯାଇଛି। ରାଷ୍ଟ୍ରପତି ବାଇଡେନ୍ କହିଛନ୍ତି, ସାଧାରଣ ନାଗରିକଙ୍କୁ ଟାର୍ଗେଟ୍ କରୁଛି ରୁଷ। ରାଷ୍ଟ୍ରପତି ପୁତିନ୍ ନୃଶଂସତାର ସୀମା ଟପିଯାଇଛନ୍ତି। ୟୁକ୍ରେନ୍ ଉପରେ ଆକ୍ରମଣ ପାଇଁ ରୁଷ ରାଷ୍ଟ୍ରପତି ପୁତିନଙ୍କୁ ଚେତାବନୀ ଦେଇଛନ୍ତି ଜେଲେନସ୍କି। ଜାତିସଂଘ ସାଧାରଣ ପରିଷଦ ବୈଠକରେ ରୁଷକୁ ଆତଙ୍କବାଦୀ ଦେଶ ଏବଂ ପୁତିନଙ୍କୁ ଜଣେ ପାଗଳ ଓ ଏକଛତ୍ରବାଦ ଶାସକ ବୋଲି ଆଖ୍ୟା ଦେଇଛି ୟୁକ୍ରେନ୍।

ଭିଡିଓ କନ୍‌ଫରେନସିଂରେ ଏସ୍‌ଡିଜେଏମ୍ କୋର୍ଟରେ ହାଜର ହେଲେ ଅର୍ଚ୍ଚନା

ଭୁବନେଶ୍ୱର,୧୧/୧୦(ନି.ପ୍ର): ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ମଙ୍ଗଳବାର ଏସ୍‌ଡିଜେଏମ୍ କୋର୍ଟରେ ଭିଡିଓ କନ୍‌ଫରେନସିଂ ଜରିଆରେ ହଜାର ହୋଇଛନ୍ତି। ପ୍ରଥମ ଦିନରେ ଦେବାଶିଷ ମହାପାତ୍ରଙ୍କୁ ସେ ନିଜର ଆଇନଜୀବୀ ଭାବେ ସ୍ୱଷ୍ଟ କରିଛନ୍ତି। ଗତକାଲି ବେଲ୍ ଆବେଦନ କାଟ ହୋଇଥଲା। ନୂତନ ଭାବେ ଆଉଥରେ ଜାମିନ ଆବେଦନ କରାଯିବ। ତଳ କୋର୍ଟରେ ଜାମିନ ନହେଲେ ସେସନ୍ସ କୋର୍ଟରେ ଆବେଦନ ହେବ। ଅନ୍ୟପକ୍ଷରେ ଅର୍ଚ୍ଚନା ନାଗ ବ୍ଲାକମେଲିଂ ମାମଲାରେ ଆଉ ଏକ ଅଭିଯୋଗ ଯୋଡି ହୋଇଛି। ଖଣ୍ଡଗିରି ଥାନାରେ ଗତ ୨ ତାରିଖରେ ଜଣେ ପୀଡ଼ିତା ଅର୍ଚ୍ଚନା ନାଗ, ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ସହ ସହଯୋଗୀ ଖଗେଶ୍ୱରର ନାଁ ରେ ଲିଖିତ ▶▶ପୃଷ୍ଠା ୭

ମିଳିତ ଜାତିସଂଘ ମହାସଭାରେ ରୁଷକୁ ଝଟକା: ରୁଷର ଅପିଲ ବିରୋଧରେ ଭାରତର ଭୋଟ



ନୂଆଦିଲ୍ଲୀ, ୧୧/୧୦ : ସୋମବାର ରୁଷର ମିଶାଇଲ, ବୋମା ମାଡରେ ୟୁକ୍ରେନର ଯାହା ଘଟିଛି ତାର ସାକ୍ଷୀ ରହିଛି ସାରା ବିଶ୍ୱ କିଭଳି ପ୍ରତି ମୁହୁର୍ତରେ ୟୁକ୍ରେନର ରାଜଧାନୀ କିଭ ସହ ୧୭ଟି ସହରର ଛାତି ଉପରେ ଆକ୍ରମଣ କରୁଥିଲା କ୍ରେମଲିନ ? କିଭଳି ନୀରିହ ଜନତାଙ୍କ ଉପରେ ଆସି ମାଡ ହେଉଥିଲା ବୋମା, ଓ ମିସାଇଲ ? ତାକୁ ଦେଖିଛି ପୂରା ଦୁନିଆ । ଏହି ଘଟଣାକୁ ନେଇ ସାରା ବିଶ୍ୱ ରୁଷକୁ ନିନ୍ଦା କରାଯିବା ସହ କିଛି ସହଯୋଗୀ ରାଷ୍ଟ୍ର ମଧ୍ୟ ଆପତି ପ୍ରକାଶ କରିଛନ୍ତି । ମିଳିତ ଜାତିସଂଘ ମହାସଭାରେ ରୁଷ ବିରୋଧରେ ପ୍ରଥମ ଥର ପାଇଁ ଭୋଟ ଦେଇଛି ଭାରତ । ଗତ ସପ୍ତାହରେ ଜନମତ ସଂଗ୍ରହ କରିବା ପରେ ୟୁକ୍ରେନର ୪ଟି ଅଂଚଳକୁ ବିଧିବଧ ଭାବରେ ରୁଷ ସହ ମିଶାଇବାକୁ ଘୋଷଣା କରିଥିଲେ ରାଷ୍ଟ୍ରପତି ପୁଟିନ । ଏହାକୁ ବିରୋଧ କରି ୟୁଏନ ମହାସଭାରେ ହୋଇଥିଲା ଭୋଟିଂ । ୧୦୭ ଦେଶ ସହ ଭାରତ ମଧ୍ୟ ▶▶ପୃଷ୍ଠା ୭

ଧାମନଗର ଉପନିର୍ବାଚନ : ନାମାଙ୍କନ ପତ୍ର ଦାଖଲ କଲେ ସୂର୍ଯ୍ୟବଂଶୀ ସୁରଜ୍

ଭଦ୍ରକ/ଭୁବନେଶ୍ୱର, ୧୧/୧୦(ନି.ପ୍ର): ଧାମନଗର ଉପନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ସୂରଜ ସୂର୍ଯ୍ୟବଂଶୀ ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେ ଭଦ୍ରକର ମା ଦକ୍ଷିଣକାଳୀ ମନ୍ଦିରରେ ପୂଜାର୍ଚ୍ଚନା କରି ଏକ ନିରାଡ଼ମ୍ବର ଶୋଭାଯାତ୍ରାରେ ଭଦ୍ରକ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତାଙ୍କ ସହ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର, ବିଧାୟକ ମୋହନ ମାଝି, ଜିଲ୍ଲା ପ୍ରଭାରୀ ▶▶ପୃଷ୍ଠା ୭

ଚକୋଟିଆ ଭୁଞ୍ଜିଆ ଆଦିବାସୀଙ୍କ ଅଧିଷ୍ଠାତ୍ରୀ ଦେବୀ ମା' ସୁନାଦେଇଙ୍କ ଯାତ୍ରା ପାଳିତ

ନୂଆପଡ଼ା ,୧୧/୧୦ (ନି.ପ୍ର): ନୂଆପଡା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟର ଅଧିଷ୍ଠାତ୍ରୀ ଦେବୀ ସୁନାଦେଇଙ୍କ ଯାତ୍ରା ପାଳିତ ହୋଇଯାଇଛି। କୋଭିଡ କଟକଣା ପାଇଁ ଦୁଇ ବର୍ଷ ପରେ ଅନୁଷ୍ଠିତ ଏହି ଯାତ୍ରାରେ ବ୍ୟାପକ ଜନସମାଗମ ହୋଇଛି। ଆଦିମ ଆଦିବାସୀ ଚକୋଟିଆ ଭୁଞ୍ଜିଆନ୍ଙ୍କ ଅଧିଷ୍ଠାତ୍ରୀ ଦେବୀ ସୁନାଦେଇଙ୍କ ଯାତ୍ରା ଅନୁଷ୍ଠିତ ହୋଇଅଛି। ଆଶ୍ୱିନ ମାସ କୁଆଁର ପୂର୍ଣ୍ଣିମା ଦିନ ଦେବୀଙ୍କ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହାର ୧୫ ଦିନ ପୂର୍ବେ ଦୀପ ଜାଗର ଜାଳି ସୁନାଦେଇ ମନ୍ଦିରରେ ପୂଜା ପାଇଥାନ୍ତି। କାଳେସୀ ଦେହରେ ମା ବିରାଜମାନ ହୋଇ ଛତର ଲିଙ୍ଗଭଟ୍ଟା ଠାରେ ପୂଜା ହୋଇଥାନ୍ତି। ଲିଙ୍ଗ ଭଟ୍ଟାରେ ୨୪ ଖଣ୍ଡ ଟୀକରୀରୁ ଆସିଥିବା ଭକ୍ତଙ୍କ ଦୁଃଖ ସୁଖ, ମାନ ଅଭିମାନ, ମନସ୍କାମନା ପୂରଣ ନେଇ ପୂଜା ଅନୁଷ୍ଠିତ ହୋଇଥାଏ। ପରେ ସୁନାଦେଇଙ୍କ ଛତର ସୁନାବେଡା ନଗର ପରିକ୍ରମା କରିଥାଏ। ଦେବୀଙ୍କୁ ଭୁଞ୍ଜିଆ ମହିଳା ମାନେ ପାରମ୍ପାରିକ ବେଶଭୁଷାରେ ପୂଜା କରିଥାନ୍ତି। ସୁନାବେଡା ଗ୍ରାମ ଉତ୍ସବ ମୁଖର ହୋଇଉଠେ।

ଏହି ଉପଲକ୍ଷେ ସେଠାରେ ବିଭିନ୍ନ ରକମର ଦୋକାନ ବଜାର, ଭିଡ଼ ଜମି ଥିବା ବେଳେ ସୁନାଦେଇ ଯାତ୍ରା ପାଳନ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ସୁନାଦେଇ ଯାତ୍ରା ଦେଖିବା ପାଇଁ ଜିଲ୍ଲା ତଥା ପଡୋଶୀ ଜିଲ୍ଲା ଏବଂ ପଡୋଶୀ ରାଜ୍ୟରୁ ବହୁ ଲୋକଙ୍କ ସମାଗମ ହୋଇଅଛି।

ଉତ୍ସବ ନିଜ ସାମର୍ଥ୍ୟକୁ ଆବିଷ୍କାର କରିବାର ସୁଯୋଗ ଦିଏ: ସୌମ୍ୟ

ବାଙ୍କୀ ,୧୧/୧୦ (ନି.ପ୍ର): ରାଜ୍ୟର ସାଂସ୍କୃତିକ ମାନଚିତ୍ରରେ ବାଙ୍କୀ ମହୋତ୍ସବ ଏକ ନିଆରା ପରିଚୟ ସୃଷ୍ଟି କରିଛି। ଉତ୍ସବ ଓ ଉଦ୍ଦୀପନାକୁ ବଜାୟ ରଖିବା ପାଇଁ ମହୋତ୍ସବର ପରିକଳ୍ପନା କରାଯାଇଥିବା ବେଳେ ନିଜ ଭାଷା ଓ ସଂସ୍କୃତିକୁ ପରିବ୍ୟାପ୍ତ କରିବାରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଭଳି ଉତ୍ସବ ନିଜ ସାମର୍ଥ୍ୟକୁ ଆବିଷ୍କାର କରିବାର ସୁଯୋଗ ଦିଏ ବୋଲି ସମ୍ବାଦର ସଂପାଦକ ତଥା ଖଣ୍ଡପଡା ବିଧାୟକ ସେ?ମ୍ୟରଂଜନ ପଟ୍ଟନାୟକ କହିଛନ୍ତି।

ପାଞ୍ଚ ଦିନିଆ ବାଙ୍କୀ ମହୋତ୍ସବର ଦ୍ୱିତୀୟ ସଂଧାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଓଡ଼ିଆ ଜାତିର ପରିଚୟ ଜଗତରନାଥ ଜଗନ୍ନାଥଙ୍କୁ କେବଳ ସୁନ୍ଦର ନକହି ଜଗନ୍ନାଥ ସଂସ୍କୃତିର ତତ୍ତ୍ୱକୁ ନିଜ ଜୀବନଧାରାରେ ବ୍ୟବହାର କରିବା ଆବଶ୍ୟକ। ଜଗନ୍ନାଥ ତତ୍ତ୍ୱକୁ ନେଇ ଓଡ଼ିଆ ସଂସ୍କୃତି ସମୃଦ୍ଧ। ଏଠି ଭୋଟ ରାଜନୀତି ପାଇଁ ଜାତି, ଧର୍ମକୁ ବ୍ୟବହାର କରି ଓଡ଼ିଆ ଜାତିରେ ବିଦ୍ୱେଷ ସୃଷ୍ଟି କରିବା ସମ୍ଭବ ନୁହେଁ। ବର୍ତ୍ତମାନ ସମୟରେ ଯୁବ ପିଢ଼ି ନିଜ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରୁ ଏବଂ ପ୍ରତ୍ୟେକ ଓଡ଼ିଆ ଭାଷା ସାହିତ୍ୟକୁ ସୁରକ୍ଷିତ ରଖିବାକୁ ସଂକଳ୍ପବଦ୍ଧ ହୁଅନ୍ତୁ ବୋଲି ଏହି ଅବସରରେ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ଦୀର୍ଘ ଦୁଇବର୍ଷ ଧରି କରୋନା କଟକଣା ଯୋଗୁଁ ସାମାଜିକ ଦୂରତା ଏକ ମନ୍ତ୍ର ହୋଇଥିବା ବେଳେ ଆଜି ସଂଧାରେ ବାଙ୍କୀ ମହୋତ୍ସବର ଜନସମାଗମକୁ ଦେଖିଲେ କରୋନା ଏକ ଦୁଃସ୍ୱପ୍ନ ମନେହେଉଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।

୨୩ତମ ବାଙ୍କୀ ମହୋତ୍ସବ ଦ୍ୱିତୀୟ ସଂଧାର କାର୍ଯ୍ୟକ୍ରମରେ ମହୋତ୍ସବ କମିଟିର ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରଭାତ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ସବୁଜ-ସମୃଦ୍ଧ-ସ୍ୱଚ୍ଛ ବାଙ୍କୀର ଆହ୍ୱାନକୁ ସାକାର କରିବା ପାଇଁ ବାଙ୍କୀବାସୀ ଏକଜୁଟ୍ ହେବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, କଟକ ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ବାଙ୍କୀ ପଂଚାୟତ ସମିତି ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ବାଙ୍କୀ ତହସିଲଦାର ସତ୍ୟରଞ୍ଜନ ପଣ୍ଡା, ମଣ୍ଡଳ ଉନ୍ନୟନ ଅଧିକାରୀ କିଶୋର ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ଡକ୍ଟର ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଏବଂ ଡମପଡ଼ା ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଣବ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କ ସଂଚାଳନରେ ମହୋତ୍ସବ ପାଇଁ ଅନୁଷ୍ଠିତ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ, ଅଶୋକ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲା ଯାଦବ ସମାଜର ବାର୍ଷିକ ଉତ୍ସବ ପାଳିତ

ସୁବର୍ଣ୍ଣପୁର ,୧୧/୧୦ (ନି.ପ୍ର): ସୁବର୍ଣ୍ଣପୁର ଜିଲା ଯାଦବ ସମାଜ ପକ୍ଷରୁ ଆଶ୍ୱିନ ପୁର୍ଣ୍ଣିମି ଅବସରରେ ସ୍ଥାନିୟ ସମଲେଇଶ୍ୱରୀ ମନ୍ଦିର ପରିସରରେ ଜିଲ୍ଲା ଯାଦବ ମହାସଭାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାଯାଦବ ସମାଜର ସମସ୍ତ ଭାଇ ଭଉଣି ସାମିଲ ହୋଇ ପ୍ରଥମେ ଘୋଡାଘାଟପଡା ସ୍ଥିତ ବୁଢି ସମଲେଇ ମନ୍ଦିରରୁ ମାଙ୍କଠାରେ ପୁଜାର୍ଚ୍ଚନା ସାରି ଏକ ବିରାଟ ଶୋଭାଯାତ୍ରାରେ ବାହାରି ଯାଦବ ସମାଜର ପାରମ୍ପାରିକ ବାଡିଖେଳ ନୃତ୍ୟ ସହ ସହର ପରିକ୍ରମା କରି ମା ସମଲେଇ ମନ୍ଦିରରେ ପହଂଚି ଥିଲେ। ପରେ ଜିଲ୍ଲା ଯାଦବ ସମାଜର ସଭାପତି ତପନ ଯୁଆଡିଙ୍କ ନେତୃତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ଉତ୍କଳ ଯାଦବ ମହାସଭାର ପଶ୍ଚିମଓଡିଶା ପର୍ଯ୍ୟବେକ୍ଷକ ରାଜୁ ଘିବିଲା ଓ ଉତ୍କଳ ଯାଦବ ମହାସଭାର ସୁବର୍ଣ୍ଣପୁର ଜିଲ୍ଲା ପର୍ଯ୍ୟବେକ୍ଷକ ଧବଳେଶ୍ୱର ଘିବିଲା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଯାଦବସମାଜର ସର୍ବାଙ୍ଗିନ ଉନ୍ନତି କାମନାକରିଥିଲେ। ସମାଜର ପୌର ପରିଷଦ ସଭାପତି ପ୍ରଫୁଲ୍ଲ ନାଏକଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ଯାଦବ ମହାସଭାର ଶତାଧିକ ଯାଦବ ସଦସ୍ୟ ଯୋଗଦେଇଥିଲେ। ଶ୍ରୀ ନାଏକଙ୍କ ଅନୁରୋଧ କ୍ରମେ ସହରର ସ୍ୱଚ୍ଛ ଭାରତ ସଂଗଠନ ପକ୍ଷରୁ ରବିବାର ସକାଳ ୬ ଟାରେ ମା ସମଲେଇଙ୍କ ମନ୍ଦିରରେ ଏକ ସଫେଇ ଓ ପଲିଥିନ ମୁକ୍ତ ଅଭିଯାନ କରାଯାଇଥିଲା। ଶେଷରେ ଜିଲ୍ଲାଯାଦବ ମହାସଭାର ସମ୍ପାଦକ ପିତବାସ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର ,୧୧/୧୦ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ତରଭା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ଅବୋଲୀ ସୁନିଲ ନରଓ୍ୱଣେ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୧୫ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୬ ଗୋଟି ଓ ସାମୁହିକ ଦରଖାସ୍ତ ୯ ଗୋଟି ଗ୍ରହଣ କରାଯାଇଛି। ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ଶିବିରରେ ୧ ଗୋଟି ଅଭିଯୋଗ ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୧୪ ଟି ଆପତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ପ୍ରାପ୍ତ ଦରଖାସ୍ତ ମଧ୍ୟରେ ୨ ଗୋଟି ଦରଖାସ୍ତ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ଗ୍ରହଣ କରାଯାଇଛି।

ତରଭା ବିଡିଓ ବିନୟ କୁମାର ପଟେଲଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ପ୍ରଫୁଲ୍ଲ କୁଜୁର, ଉପ ଜିଲ୍ଲାପାଳ, ସୋନପୁର ଡ଼ଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ଅତିରିକ୍ତ ତହସିଲଦାର, ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

ପ୍ରାପ୍ତ ଦରଖାସ୍ତ ମଧ୍ୟରେ ୮ ଗୋଟି ସିଏମଆରଏଫ ନିମନ୍ତେ ଗ୍ରହଣ କରାଯାଇଛି। ଶିବିର ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀମତୀ ନରଓ୍ୱଣେ ନୂତନ ଗଠିତ ଜରାଜାରିଙ୍ଗ ଗ୍ରାମପଚାଂୟତର ନୂତନ ପଚାଂୟତ କାର୍ଯ୍ୟାଳୟ କୋଠା ତଥା କାର୍ଯ୍ୟାଳୟ ନିମନ୍ତେ ସ୍ୱେଚ୍ଛାକୃତ ଭାବେ ବଦନ୍ୟତାର ସହ ସରପଂଚ ଜରାଜାରିଙ୍ଗ ସଦା ପାତ୍ର ଭୂମି ପ୍ରଦାନ କରିଥିବା ହେତୁ ବ୍ଲକ ପ୍ରଶାସନ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଜିଲ୍ଲାପାଳ ଶ୍ରୀମତୀ ନରଓ୍ୱଣେ, ଆରକ୍ଷୀ ଅଧିକ୍ଷକ ଶ୍ରୀ ପଣ୍ଡା, ବିଡିଓ ତରଭା, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୁଖ ପୁଆ ଗ୍ରାମପଚାଂୟତ ନିର୍ମାଣଧୀନ ଅମୃତ ସରୋବର ତଥା ଆଦର୍ଶ ପୋଖରୀ, ରାଣୀସର୍ଡା ଗ୍ରାମପଂଚାୟତର ରାଣୀସର୍ଡା ଫାଇଭ-ଟି ରୂପାନ୍ତରଣ ଉଚ୍ଚ ବିଦ୍ୟାଳୟ ଓ ଦେଉଳପଦର ଗ୍ରାମପଂଚାୟତ ଅନ୍ତର୍ଗତ ଦେଉଳପଦର ଫାଇଭ-ଟି ରୂପାନ୍ତରଣ ଉଚ୍ଚ ବିଦ୍ୟାଳୟର ନିର୍ମାଣଧୀନ କାର୍ଯ୍ୟ ଅଗ୍ରଗତିର ପରିଦର୍ଶନ କରିଥିଲେ।

ହବିଷ୍ୟାଳୀଙ୍କ କାର୍ତ୍ତିକ ବ୍ରତ ଆରମ୍ଭ: ନୀତିକାନ୍ତି ବିଳମ୍ବ, ବିନା ପହୁଡ଼ରେ ହେଲା ନୀତିକାନ୍ତି

ପୁରୀ ,୧୧/୧୦ (ନି.ପ୍ର): ସୋମବାରଠାରୁ ଶ୍ରୀକ୍ଷେତ୍ରରେ ହବିଷ୍ୟାଳୀମାନେ କାର୍ତ୍ତିକ ବ୍ରତ ଆରମ୍ଭ କରିବା ସହ ହବିଷ୍ୟାନ୍ନ ସେବନ କରିଛନ୍ତି। ଏଥିପାଇଁ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଛି। କୋଭିଡଜନିତ କଟକଣାର ୩ ବର୍ଷ ପରେ ପୁଣିଥରେ ବ୍ରତଧାରୀ ହବିଷ୍ୟାଳୀଙ୍କ ଗହଳଚହଳରେ ପୂରି ଉଠିଛି ଶ୍ରୀକ୍ଷେତ୍ର। ସେପଟେ କାର୍ତ୍ତିକ ମାସ ଉପଲକ୍ଷେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଆରମ୍ଭ ହୋଇଥିବା ବେଳେ ହବିଷ୍ୟାଳୀମାନେ ମହାପ୍ରଭୁଙ୍କୁ ରାଧାଦାମୋଦର ବେଶରେ ଦର୍ଶନ କରିଛନ୍ତି। ହବିଷ୍ୟାଳୀ ଶିବିର ବି ଭଜନକୀର୍ତ୍ତନରେ ପ୍ରକମ୍ପିତ ହୋଇଛି।

ଗତ ୬ ତାରିଖରୁ ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ କାର୍ତ୍ତିକ ମାସ ନୀତିକାନ୍ତି ଆରମ୍ଭ ହୋଇସାରିଛି। ଏହି ଅବସରରେ ମହାପ୍ରଭୁ ଦୈନିକ ସକାଳ ସାଢ଼େ ୬ଟାରୁ ସାଢ଼େ ୭ଟା ଭିତରେ ରାଇଦାମୋଦର ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ବୋଲି ନୀତିକାନ୍ତି ବୃଢ଼ାନ୍ତ ହୋଇଛି। ସେହିଭଳି ଦୈନିକ ପୂର୍ବାହ୍ନ ୧୦ଟାରୁ ସାଢ଼େ ୧୦ଟା ଭିତରେ ବାଳଧୂପ ନୀତି ସମ୍ପନ୍ନ ହେବ ବୋଲି ବୃଢ଼ାନ୍ତ ହୋଇଛି। କାର୍ତ୍ତିକ ମାସରେ ପ୍ରତିଦିନ ଭୋର ୪ଟାରେ ଦ୍ୱାରଫିଟା ନୀତି ସମ୍ପନ୍ନ କରିବାକୁ ବି କୁହାଯାଇଛି। ଦୈନନ୍ଦିନ ନୀତିକାନ୍ତି ପରେ ରାତି ୧୨ଟା ସୁଦ୍ଧା ପହୁଡ଼ କରିବାକୁ ପରିଚାଳନା କମିଟି ବୈଠକରେ ବୃଢ଼ାନ୍ତ ହୋଇଛି। କିନ୍ତୁ କାର୍ତ୍ତିକ ବ୍ରତ ଆରମ୍ଭର ପ୍ରଥମଦିନରୁ ନୀତିକାନ୍ତିରେ ଅହେତୁକ ବିଳମ୍ବ ଦେଖିବାକୁ ମିଳିଛି। ଗତକାଲି ନୀତିକାନ୍ତି ବିଳମ୍ବ ହେବାସହ ଭୋର ପ୍ରାୟ ୪ଟା ୪୫ରେ ସଂଧ୍ୟା ଆଳତି ଶେଷ ହେବାରୁ ବିନା ପହୁଡ଼ରେ ଶ୍ରୀଜିଉଙ୍କ ଆଜିର ନୀତିକାନ୍ତି ଆରମ୍ଭ ହୋଇଛି। ସକାଳ ୫ଟା ବଦଳରେ ୭ଟାରେ ମଙ୍ଗଳ ଆଳତି ନୀତି ସମ୍ପନ୍ନ ହୋଇଛି। ସାଢ଼େ ୩ ଘଣ୍ଟା ବିଳମ୍ବ ଅର୍ଥାତ୍ ସକାଳ ୬ଟା ବଦଳରେ ସକାଳ ସାଢ଼େ ୯ଟାରେ ହବିଷ୍ୟାଳୀ ଓ ଭକ୍ତମାନେ ମହାପ୍ରଭୁଙ୍କ ରାଧାଦାମୋଦର ବେଶ ଦର୍ଶନ କରିଛନ୍ତି। ପୂର୍ବାହ୍ନ ୧୦ଟା ବଦଳରେ ଅପରାହ୍ନ ସାଢ଼େ ୧ଟାରେ ବାଳଧୂପ ନୀତି ସମ୍ପନ୍ନ ହୋଇଛି।

ବଲାଙ୍ଗିରଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ବଲାଙ୍ଗିର ,୧୧/୧୦ (ନି.ପ୍ର): ଆଜି ବଲାଙ୍ଗିର ଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଦିବସ ପାଳନ ଉପଲକ୍ଷେ ପୂର୍ବାହ୍ନ ରେ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରୁ ଏକ ସଚେତନତା ରାଲି ବାହାରି ସହର ପରିକ୍ରମା କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଙ୍କ କାର୍ଯ୍ୟ ।ଳୟ ପର୍ଯ୍ୟନ୍ତ ଆସିଥିଲା । ଏହି ସଚେତନତା ରାଲି ରେ ପ୍ରଜାପୀତା ବ୍ରହ୍ମକୁମାରୀ , ରେଡକ୍ରସ , ବିଙ୍ଗ ହ୍ୟୁମାନ , କୁଲୁତା ସମାଜ , ବେସରକାରୀ ସଂଗଠନ ର କର୍ମକର୍ତା ମାନେ ଯୋଗଦେଇଥିଲେ । ପରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଙ୍କ କାର୍ଯ୍ୟ ।ଳୟ ସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ,ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ବଲାଙ୍ଗିର ମିଳିତ ଆନୁକୁଲ୍ୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ଦିବ୍ୟ କିଶୋର ପତି ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସଭାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ବିନୟ କୁମାର ପାତ୍ର , ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ର ଭାଇସ ପ୍ରିନ୍ସିପାଲ ଡ଼ ମାନସୀ ପଣ୍ଡା , ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ର ମାନସିକ ରୋଗ ବିଭାଗ ର ବିଭାଗୀୟ ମୁଖ୍ୟ ଡ଼ା ଆଶୀର୍ବାଦ ଶତପଥି , ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ର ପ୍ରୋଗ୍ରାମ ଅଫିସର ଡ଼ା ସୁଖିଶ୍ୟାମ ତ୍ରିପାଠୀ , ଜାତୀୟ ସ୍ୱାସ୍ଥ୍ୟ ମିଶନ ର ଜିଲ୍ଲା ପ୍ରୋଗ୍ରାମ ମେନେଜର ମୃତ୍ୟୁଞ୍ଜୟ ମୁଣ୍ଡ ପ୍ରମୁଖ ଯୋଗଦେଇ ମାନସିକ ରୋଗର ଲକ୍ଷଣ ଓ ପ୍ରତିକାର ସମ୍ପର୍କରେ ଆଲୋକପାତ କରିବା ସହ ଏ ସମ୍ପର୍କରେ ବ୍ୟାପକ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ର ପ୍ରୋଗ୍ରାମ ଅଫିସର ଡ଼ା ତ୍ରିପାଠୀ ବଲାଙ୍ଗିର ଜିଲ୍ଲା ରେ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ମାନସିକ ରୋଗ ପ୍ରାଥମିକ ଅବସ୍ଥା ରେ ସମ୍ପୂର୍ଣ ଆରୋଗ୍ୟ ସାଧ ଏବଂ ଏହି ରୋଗ ର ଲକ୍ଷଣ ଦେଖାଦେଲେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରିବାକୁ ସେ ସୂଚନା ଦେଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ଶ୍ରୀ ପାତ୍ର ପ୍ରାଧିକରଣ ଦ୍ୱାରା ଯୋଗାଇ ଦିଆଯାଉଥିବା ମାଗଣା ଆଇନ ସେବା ଓ ସହାୟତା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ । ସଭା ରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଦିବସ ପାଳନ ର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସଭା ଶେଷରେ ମାନସିକ ରୋଗ ବିଭାଗ ର ନର୍ସିଂ ଅଫିସର ସ୍ୱାଗତିକା ହରପାଲ ଧନ୍ୟବାଦ ଅର୍ପଣ କରିଥିଲେ।

ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟଠାରେ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ

ବଲାଙ୍ଗିର ,୧୧/୧୦ (ନି.ପ୍ର): ଅକ୍ଟୋବର ମାସ ନିମନ୍ତେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁସାରେ ଆଜି ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟ ସ୍ଥିତ ଜିଲ୍ଲାପାଳ ଙ୍କ କାର୍ଯ୍ୟ ।ଳୟ ସମ୍ମିଳନୀ କକ୍ଷ ଠାରେ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ଚଂଚଳ ରାଣା , ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର , ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସିଂ, ବଲାଙ୍ଗିର ଉପ-ଜିଲ୍ଲାପାଳ କୁମାର ନାଗଭୂଷଣ ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବଲାଙ

ମୁଗଲାଇ ପରଟା

ଆବଶ୍ୟକ ସାମଗ୍ରୀ: ମଇଦା, ପନିର, ଆଳୁ, ଫୁଲ କୋବି, କ୍ୟାପ୍‌ସିକମ, ଗାଜର, ବାଦାମ, ଟମାଟୋ, ରିଫାଇନ୍ ତେଲ, କଟା ପିଆଜ, ରସୁଣ ଓ ଅଦା ଛେଚା, କଞ୍ଚାଲଙ୍କା, ହଳଦି, ଜିରା ଗୁଣ୍ଡ, ଧନିଆ ପାଉଡର, ଲଙ୍କା ଗୁଣ୍ଡ, ଚିନି ଓ ଲୁଣ ।

ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ମଇଦାରେ ଦୁଇ ଚାମଚ ରିଫାଇନ ତେଲ ଓ ଅଳ୍ପ ଲୁଣ ପକାଇ ଗୋଳାଇ ଦିଅନ୍ତୁ । ତା'ପରେ ସେଥିରେ ଉଷୁମ ପାଣି ପକାଇ ଚକଟନ୍ତୁ । ଚକଟି ସାରିବା ପରେ ଏହାକୁ ଏକ ସଫା ଓ ଓଦା କପଡ଼ାରେ ଘୋଡ଼ାଇ କିଛି ସମୟ ରଖି ଦିଅନ୍ତୁ । ଏହାପରେ ପରଟା ପାଇଁ ମସଲା ପ୍ରସ୍ତୁତ କରନ୍ତୁ । ଗ୍ୟାସରେ କରେଇ ବସାଇ ତେଲ ପକାଇ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ସେଥିରେ ଗୋଟା ଜିରା ପକାନ୍ତୁ । ପରେ ସେଥିରେ କଟା ପିଆଜ ପକାଇ ଭାଜନ୍ତୁ । ପିଆଜ ଭାଜି ହୋଇଗଲା ପରେ ସେଥିରେ ଅଦା ଓ ରସୁଣ ଛେଚା ପକାଇ ଭଲ ଭାବେ କଷନ୍ତୁ । ଏହାପରେ ସେଥିରେ କଟା ଗାଜର, କଟା ଫୁଲକୋବି, କଟା କ୍ୟାପସିକମ,କଟା ଟମାଟୋ ଓ କଟା କଞ୍ଚାଲଙ୍କା ପକାନ୍ତୁ । ପରେ ସେଥିରେ ସ୍ୱାଦ ଅନୁସାରେ ଲୁଣ ସହିତ ହଳଦି, ଧନିଆ ଗୁଣ୍ଡ, ଜିରା ଗୁଣ୍ଡ ଓ ଅଧା ଚାମଚ ଲଙ୍କା ଗୁଣ୍ଡ ପକାଇ ଭାଜନ୍ତୁ । ଏସବୁ ଭଲ ଭାବେ ଭାଜି ହେବା ପରେ ୨ଟି ସିଝା ଆଳୁକୁ ଚକଟି ସେଥିରେ ପକାନ୍ତୁ ଓ ଆଉ ଥରେ କଷନ୍ତୁ । ଏହା କଷି ହୋଇଗଲା ପରେ ସେଥିରେ କଟା ପନିର ପକାନ୍ତୁ । ପନିର ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ । କିଛି ସମୟପରେ ମସଲାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ଏବେ ପୂର୍ବରୁ ଚକଟା ହୋଇଥିବା ମଇଦାକୁ ଗୁଳା କରି ରୁଟି ଆକାରରେ ବେଲନ୍ତୁ । ଆଉ ଏହାର ମଝିରେ ମସଲା ଦିଅନ୍ତୁ । ତା'ଉପରେ କଟା ପିଆଜ ଓ କଟା କଞ୍ଚାଲଙ୍କା ପକାନ୍ତୁ । ଏବେ ଏହାକୁ ଚାରି ପାଖରୁ ଭଲ ଭାବେ ଫୋଲ୍ଡ କରି ଦିଅନ୍ତୁ, ଯେପରି ମସଲା ବାହାରି ନଯିବ । ଏହାପରେ ଏକ ତାୱାରେ ତେଲ ଗରମ କରି ପରଟାର ୨ ପଟକୁ ଭଲ ଭାବେ ସେକନ୍ତୁ । ଏହା ଟିକେ ନାଲି ହୋଇଯିବା ପରେ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ମୁଗଲାଇ ପରଟା ।

ଗାନ୍ଧୀ ପର୍ଯ୍ୟଟନ ସ୍ଥଳୀ

ନୂଆଦିଲ୍ଲୀର ଗାନ୍ଧୀ ପର୍ଯ୍ୟଟନସ୍ଥଳକୁ ଦେଖିଲେ ମନେ ହୁଏ ନାହିଁ ଯେ ଦିନେ ଏହି ଦେଶ ଇଂରେଜମାନଙ୍କ ଅଧୀନରେ ଥିଲା । ୧୫ ଅଗଷ୍ଟ ୧୯୪୭ରେ ଆମକୁ ଯେଉଁ ସ୍ୱାଧୀନତା ମିଳିଥିଲା ସେଥିରେ ମହାତ୍ମା ଗାନ୍ଧୀଙ୍କ କେତେ ଯୋଗଦାନ ରହିଥିଲା ଏ ସମ୍ବନ୍ଧରେ ଆମେ ସମସ୍ତେ ବହିରୁ ପଢ଼ିଛୁ ଓ ଚଳଚିତ୍ରରୁ ମଧ୍ୟ ଦେଖିଛୁ, କିନ୍ତୁ ଗାନ୍ଧୀଙ୍କ ସଂଘର୍ଷମୟ ଜୀବନ ସହିତ ଭଲ ଭାବେ ପରିଚିତ ହେବାକୁ ଚାହୁଁଥିଲେ ଦିଲ୍ଲୀର ଏପରି କିଛି ପର୍ଯ୍ୟଟନସ୍ଥଳକୁ ଭ୍ରମଣରେ ଯାଆନ୍ତୁ ଯେଉଁଠାରେ ଜାତିର ପିତାଙ୍କ ସମସ୍ତ ସ୍ମୃତିକୁ ଅତି ଯତ୍ନରେ ସାଇତି ରଖାଯାଇଛି ।



ରାଜଘାଟ

ଦିଲ୍ଲୀର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ମଧ୍ୟରେ ଅନ୍ୟତମ ହେଉଛି ରାଜଘାଟ । ଯମୁନା ନଦୀର ପଶ୍ଚିମ ତଟରେ ଅବସ୍ଥିତ ଏହି ସ୍ଥାନ ଏଇଥିପାଇଁ ସ୍ୱତନ୍ତ୍ର ଯେ ଏଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳ ରହିଛି । କଳା ମୁଗୁନି ପଥରରେ ନିର୍ମିତ ଏହି ସମାଧି ଉପରେ ତାଙ୍କ ମୁଖରୁ ବାହାରିଥିବା ଶେଷ 'ହେ ରାମ' ଲିଖିତ ହୋଇଛି । ତାଙ୍କର ଏହି ଅନ୍ତିମ ବିଶ୍ରାମସ୍ଥଳ ସ୍ୱାଧୀନତା ପ୍ରାପ୍ତିରେ ତାଙ୍କର ମୂଲ୍ୟ ଯୋଗଦାନକୁ ବଖାଣୁଛି । ଦେଶ ବିଦେଶରୁ ଆସୁଥିବା ଉଚ୍ଚ ଅଧିକାରୀ ଏହି ସମାଧୀ ସ୍ଥଳରେ ମାଲ୍ୟାର୍ପଣ କରିବାକୁ ନିଶ୍ଚୟ ଆସିଥାନ୍ତି । ରାଜଘାଟର ଶାନ୍ତ ପରିବେଶକୁ ସୁନ୍ଦର ଓ କମନୀୟ କରି ତୋଳିଥାଏ ଏହାର ଚତୁଃପାର୍ଶ୍ୱରେ ଘେରି ରହିଥିବା ସବୁଜ ବୃକ୍ଷରାଜି ଓ କୃତ୍ରିମ ଝରଣା । ଏହି ସ୍ମାରକୀର ଏକ କୋଣରେ ସର୍ବଦା ଏକ ଜ୍ୟୋତି ପ୍ରଜ୍ୱଳିତ ହୋଉଥାଏ; ଯାହା ସମସ୍ତଙ୍କ ମନ ଜିଣିଛି ।

ଗାନ୍ଧୀ ସଂଗ୍ରହାଳୟ

ରାଜଘାଟ ସାମ୍ନାରେ ନିର୍ମାଣ କରାଯାଇଛି ଗାନ୍ଧୀ ସଂଗ୍ରହାଳୟ । ଏଠାରେ ମହାତ୍ମା ଗାନ୍ଧୀଙ୍କ ସହ ଜଡିତ ସମସ୍ତ ଜିନିଷ ରହିଛି । ତାଙ୍କ ପ୍ରତିମୂର୍ତ୍ତି, ଫଟୋଗ୍ରାଫ୍, ପେଣ୍ଟିଂ ଆଦିକୁ ଅତି ଯତ୍ନରେ ରଖାଯାଇଛି । ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ମହାତ୍ମାଗାନ୍ଧୀଙ୍କ ଜୀବନୀ, ତାଙ୍କ ସିଦ୍ଧାନ୍ତ, ପରାମର୍ଶ ଓ ଉପଦେଶ ଉପରେ ନିର୍ମିତ ଚଳଚ୍ଚିତ୍ର ଦେଖିବାକୁ ଦିଆଯାଏ । ଗୁରୁବାର ଏହି ଫିଲ୍ମ ପ୍ରଦର୍ଶନ ହୋଇ ନଥାଏ । ଶୁକ୍ରବାର ଏଠାରେ ତାଙ୍କ ସ୍ମୃତିରେ ପ୍ରାର୍ଥନା ସଭାର ଆୟୋଜନ ହୋଇଥାଏ । ଏହା ସହିତ ମହାତ୍ମା ଗାନ୍ଧୀଙ୍କ ଜନ୍ମଦିନ ଓ ପୁଣ୍ୟତିଥିରେ ଏଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏହି କାର୍ଯ୍ୟକ୍ରମରେ ବିପୁଳ ଜନ ସମାଗମ ହୋଇଥାଏ । ଏହି ସଂଗ୍ରହାଳୟକୁ ଜୋତା ପିନ୍ଧି ଆସିବାକୁ ବାରଣ କରାଯାଇଛି । ସଂଗ୍ରହାଳୟ ସୋମବାର ସକାଳ ୧୦ଟାରୁ ସନ୍ଧ୍ୟା ସାଢ଼େ ପାଂଚଟା ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କ ପାଇଁ ଖୋଲା ରହିଥାଏ । ତେବେ ମହାତ୍ମା ଗାନ୍ଧୀଙ୍କୁ ସମର୍ପିତ ଏହି ସ୍ଥାନ ପୂର୍ବରୁ ବିର୍ଲା ଭଜନ ନାମରେ ଜଣାଶୁଣା ଥିଲା । କାରଣ ଜି.ଡି ବିର୍ଲାଙ୍କ ବାସଭବନକୁ ହିଁ ଗାନ୍ଧୀ ସ୍ମୃତିର ରୂପ

କୁମ୍ଭୀର ଶିକାରୀ ମାଛ

ମଧୁର ଜଳରେ ବଢୁଥିବା ବୃହତକାୟ ମାଛଗୁଡ଼ିକ ମଧ୍ୟରେ ଗୋଲାୟାଥ୍ ଟାଇଗରଫିସ୍ ଅନ୍ୟତମ । ଏହା ସାମୁଦ୍ରିକ ଶ୍ୱେତ୍ ସାର୍କପରି ଭୟଙ୍କର । ଲମ୍ବରେ ପାଂଚ ଫୁଟରୁ ଅଧିକ ଏବଂ ଓଜନରେ ଶହେ କିଲୋଗ୍ରାମରୁ ଅଧିକ ବଢ଼ିପାରେ । ମୁହଁରେ ବତିଶଟିଲୁହା ଭଳିଶକ୍ତ ଦାନ୍ତ । ପ୍ରତ୍ୟେକ ଦାନ୍ତର ଲମ୍ବ ଏକ ଇଂଚରୁ ଅଧିକ ଏବଂ ବେଶ ତୀକ୍ଷଣ । ଏହା ଏକ ଶିକାରୀ ମାଛ । ବଂଚିବା ପାଇଁ ବହୁତ ଅଧିକ ପରିମାଣର ଖାଦ୍ୟ ଆବଶ୍ୟକ କରେ । ତେଣୁ, ସର୍ବଦା ଶିକାର ଖୋଜିବାରେ ବ୍ୟସ୍ତ ଥାଏ । ଭୋକିଲା ଥିବା ବେଳେ ଏହା ଏପରିକି କୁମ୍ଭୀର ଶିକାର କରୁଥିବା ଜଣାଯାଏ । ଆଫ୍ରିକାର କଙ୍ଗୋ ଓ ଲୁଆଲାଓ୍ୱା ନଦୀ, ଉପେମ୍ବା ଏବଂ ଟାଙ୍ଗାନିକା ହ୍ରଦ ଗୋଲାୟାଥର ବାସସ୍ଥାନ । ଉଲ୍ଲେଖଯୋଗ୍ୟ ଯେ, ଏତେ ଭୟଙ୍କର ହୋଇଥିଲେ ବି ମଣିଷ ଏହାକୁ କାବୁ କରିଥିବାର ବହୁ ନଜିର ଅଛି ।

ଜୀବନ ନେଉଥିବା ଗଛ

ମାନବ ଜୀବନ ପାଇଁ ଗଛ ପତ୍ରର ମୁଖ୍ୟ ଯୋଗଦାନ ରହିଛି । ଗଛ ବିନା ଜୀବନର କଳ୍ପନା ମଧ୍ୟ କରାଯାଇ ପାରିବ ନାହିଁ । କିନ୍ତୁ ପୃଥିବୀପୃଷ୍ଠରେ ଏପରି ଗଛ ଅଛି ଯାହାକି ମଣିଷର ଜୀବନ ମଧ୍ୟ ନେଇଥାଏ । ଏପରି ଏକ ଗଛର ନାମ ସରବେରା ଓଡୋଲୋମ । ଏହା ଦେଖିବାକୁ ଯେତେ ସୁନ୍ଦର ଓ ଆକର୍ଷକ ସେତେ ବିପଦଜନକ ମଧ୍ୟ । ଭାରତ ସହିତ ଦକ୍ଷିଣ-ପୂର୍ବ ଏସିଆର କିଛି ଅନ୍ୟ ଦେଶରେ ଏହି ଗଛ ଦେଖିବାକୁ ମିଳିଥାଏ । ଏହାର ଉପଯୋଗରେ ମଣିଷର ଜୀବନ ଚାଲିଯାଏ । ଏପରି ମାନ୍ୟତା ରହିଛି ଯେ ଏହି ଗଛ ପ୍ରତ୍ୟେକ ସପ୍ତାହରେ ଅତି କମରେ ଜଣେ ବ୍ୟକ୍ତିର ଜୀବନ ନେଇଥାଏ । ପରୀକ୍ଷାରୁ ଜଣାପଡ଼ିଛି ବିଶ୍ୱର ଅନ୍ୟ ବିଷାକ୍ତ ଗଛ ଅପେକ୍ଷା ସରବେରା ଓଡୋଲମ ସବୁଠାରୁ ଅଧିକ ବିଷାକ୍ତ । ଏହାର ମଂଜି ସରବେରିନ୍ ନାମକ ତତ୍ତ୍ୱରୁ ମିଳିଥାଏ । ଏହାର କମ୍ ମାତ୍ରା ଶରୀର ମଧ୍ୟକୁ ଗଲେ କିଛି ମିନିଟ୍ ମଧ୍ୟରେ ପେଟ ଓ ମୁଣ୍ଡ ବିନ୍ଧିବା, ବାନ୍ତି ହେବା, ଡାଇରିଆ ଓ ପରେ ଏହା ଏଞ୍ଜାଇମସ୍ ଓ ହୃଦୟର କାର୍ଯ୍ୟପ୍ରଣାଳୀକୁ ପ୍ରଭାବିତ କରେ ଓ କିଛି ଘଂଟା ପରେ ମଣିଷର ମୃତ୍ୟୁ ହୁଏ ।

ଯୋଗଦ୍ୱାରା ସାଇନସର ଉପଚାର

ସାଇନସ ହେଉଛି ନାକ ସମ୍ବନ୍ଧିତ ଏକ ସମସ୍ୟା । ଏହି ସମସ୍ୟା ଥଣ୍ଡା ପାଗରେ ଅଧିକ ହୋଇଥାଏ । ନାକ ବନ୍ଦ ହେବା, ମୁଣ୍ଡ ଓ ଅଧକପାଳୀ ବିନ୍ଧା ପରି ସମସ୍ୟା ହୋଇଥାଏ ନାକରୁ ପାଣି ବାହାରିଯିବା ଆଦି ଏହାର ପ୍ରମୁଖ ଲକ୍ଷର । ଏହା ବ୍ୟତୀତ ହାଲୁକା ଜ୍ୱର, ଆଖି ପଲକରେ ଯନ୍ତ୍ରଣା ହେବା, ଅବସାଦ କାରଣରୁ ଚେହେରା ଫୁଲିଯିବା । ଆଗାମୀ ଦିନରେ ଏହି ରୋଗ ଆଜମା, ଦମା ପରି ଗଭୀର ବେମାରୀରେ ପରିଣତ ହୁଏ । କିନ୍ତୁ ଯୋଗ ଦ୍ୱାରା ଏହି ରୋଗରୁ ମୁକ୍ତି ପାଇହେବ ।

ସୂର୍ଯ୍ୟନମସ୍କାର- ସୂର୍ଯ୍ୟ ନମସ୍କାର ସବୁ ଆସନ ମଧ୍ୟରେ ମୁଖ୍ୟ ଆସନ ବୋଲି ବିଚାର କରାଯାଏ । ଏହାଦ୍ୱାରା ସାଇନସ ସମସ୍ୟାରୁ ମୁକ୍ତି ମିଳିଥାଏ । ପ୍ରତ୍ୟହ ଏହି ଆସନ କରିବା ଦ୍ୱାରା ଶରୀରକୁ ଉର୍ଜା ମିଳିବା ସହ ଭିଟାମିନ ଡି ମଧ୍ୟ ମିଳିଥାଏ । ୧୨ ମୁଦ୍ରା ବିଶିଷ୍ଟ ଏହି ଆସନ ସାଇନସରୁ ମୁକ୍ତି ଦେବା ସହ ଅବସାଦକୁ କମ କରି ଓଜନ ହ୍ରାସ କରିଥାଏ ।



ପଶ୍ଚିମୋତ୍ତାନାସନ- ଏହି ଆସନ କରିବା ବହୁତ ସହଜ । ଏହା କରିବା ସମୟରେ କ୍ଲାନ୍ତି ଲାଗେ ନାହିଁ । ଏହା ସାଇନସ ସହ ଅନିଦ୍ରାର ଉପଚାର ପାଇଁ ମଧ୍ୟ ସାହାଯ୍ୟ କରିଥାଏ । ଏହି ଆସନ କରିବା ପାଇଁ ପ୍ରଥମେ ଆପଣ ସିଧା ବସନ୍ତୁ ଓ ଦୁଇ ପାଦକୁ ସିଧା ଯୋଡ଼ି ରଖି ଦୁଇ ହାତକୁ ଉପରକୁ ଉଠାନ୍ତୁ ଓ ଅଣ୍ଟା ସିଧା ରଖନ୍ତୁ । ଏହାପରେ ଦୁଇପାଦର ଆଙ୍ଗୁଠିକୁ ହାତରେ ଛୁଇଁବାକୁ ଚେଷ୍ଟା କରନ୍ତୁ । ଧ୍ୟାନ ରଖିବେ ଏହି ସମୟରେ ଆଣ୍ଠୁ ଯେପରି ମୋଡ଼ି ହୋଇ ନରୁହେ । ଏହା ସହ ପାଦ ମଧ୍ୟ ଭୂମିରୁ ଉପରକୁ ଉଠାଇବେ ନାହିଁ ।

ଉତ୍ତାନାସନ:- ଏହି ଯୋଗାସନ ମଧ୍ୟ ସାଇନସରୁ ଆରାମ ଦେବାରେ ସହାୟକ ହୋଇଥାଏ । ଏହାସହ ଶ୍ୱାସକ୍ରିୟା ସମ୍ବନ୍ଧିତ ଅନ୍ୟ ବେମାରୀରୁ ମଧ୍ୟ ଉପଶମ ମିଳିଥାଏ । ଏହି ଆସନ ଆପଣଙ୍କ ମୁଣ୍ଡକୁ ତାଜା ରଖିଥାଏ । ଉତ୍ତାନାସନ କରିବା ପାଇଁ ପ୍ରଥମେ ଆପଣ ସିଧା ଠିଆ ହୁଅନ୍ତୁ । ଲମ୍ବା ନିଶ୍ୱାସ ନେଇ ଦୁଇ ହାତ ଉପରକୁ କରୀନ୍ତୁ ଏହାପରେ ଆଗକୁ ନଇଁ ଦୁଇହାତରେ ଭୂମିକୁ ଛୁଅନ୍ତୁ । ଏହି ସମୟରେ ଆଣ୍ଠୁକୁ ଆଦୌ ମୋଡ଼ନ୍ତୁ ନାହିଁ । କିଛି ସମୟ ଏପରି ମୁଦ୍ରାରେ ରହିବା ପରେ ହାତକୁ ପୁନଃ ପରକୁ କରନ୍ତୁ ଓ ନିଶ୍ୱାସ ଛାଡ଼ି ସମାନ୍ୟ ଅବସ୍ଥାରେ ଛିଡ଼ା ହୋଇଯାଆନ୍ତୁ ।

ହାଇନେକ୍ ଟିସାର୍ଟରେ ଷ୍ଟାଇଲ୍

ବ୍ଲେଜର୍: ବୋରିଙ୍ଗ୍ ହାଇନେକ୍ ଟିସାର୍ଟକୁ କ୍ଲାସିକ୍ ଲୁକ୍ ଦେବା ପାଇଁ ସବୁଠୁ ଭଲ ହେବ ବ୍ଲେଜର୍ । ହାଇନେକ୍ ଟିସାର୍ଟ ପିନ୍ଧୁଥିଲେ ତା' ଉପରେ ବ୍ଲେଜର ଗଳାଇ ଦିଅନ୍ତୁ । କଣ୍ଟ୍ରାଷ୍ଟ କଲର୍ ନିଅନ୍ତୁ । ପଫ୍ ଏବଂ ସ୍କିନ୍ ଫିଟ୍ ବ୍ଲେଜର ଭଲ ମାନିଥାଏ । ତେଣୁ ଏହି ଲୁକ୍‌କୁ ଷ୍ଟାଇଲ୍‌ରେ ସାମିଲ୍ କରିପାରିବେ ।

ମ୍ୟାଚିଙ୍ଗ୍ ହ୍ୟାଣ୍ଡବ୍ୟାଗ: ଆପଣ ଚାହିଁଲେ ହାଇନେକ୍‌କୁ ମ୍ୟାଚିଙ୍ଗ୍ ହ୍ୟାଣ୍ଡବ୍ୟାଗ ସହିତ ମଧ୍ୟ ଷ୍ଟାଇଲ କରିପାରିବେ । ହାଇନେକ ସାର୍ଟ କଲର ଏବଂ ହ୍ୟାଣ୍ଡବ୍ୟାଗ କଲର ଗୋଟିଏ ରଙ୍ଗର ନେଇପାରିବେ । ନହେଲେ କଣ୍ଟ୍ରାଷ୍ଟ ଲୁକ୍ ବି ଦେଇପାରିବେ । ଆଉଟଫିଟ୍‌କୁ ଡାର୍କ କଲର୍ ବଟମ୍ ୱିଥ୍‌ର ସହିତ ଟିମ୍ ଅପ୍ କଲେ ଡାର୍କ କଲର୍ କୌଣସି ହ୍ୟାଣ୍ଡବ୍ୟାଗ୍ କ୍ୟାରି କରନ୍ତୁ । ଏହା ନା କେବଳ ମ୍ୟାଚିଙ୍ଗ୍ କମ୍ବିନେସନ୍ ଦେବ ବରଂ ଷ୍ଟାଇଲ୍‌କୁ ବି ହାଇଲାଇଟ୍ କରିବ ।

ପେନସିଲ୍ ସ୍କର୍ଟ ଏବଂ ଷ୍ଟକିଙ୍ଗସ୍: ହାଇନେକ୍ ଟିସାର୍ଟକୁ କେବଳ ଜିନ୍ସ ଏବଂ ସର୍ଟସ୍ ସହିତ କ୍ୟାରି କରନ୍ତୁ ନାହିଁ । ପେନ୍‌ସିଲ୍ ସ୍କର୍ଟ ଏବଂ ଷ୍ଟକିଙ୍ଗସ୍ ଅପସନ୍ ରହିଛି । ପେନସିଲ୍ ସ୍କର୍ଟ ଏବଂ ଷ୍ଟକିଙ୍ଗସ୍ ଫିଗରକୁ ପରଫେକ୍ଟ ଲୁକ୍ ଦେଇଥାଏ । ଅନ୍ୟଙ୍କଠାରୁ ଲାଗିବା ପାଇଁ ଏହି ଷ୍ଟାଇଲ୍‌କୁ କ୍ୟାରି କରିପାରିବେ ।

ହାଇନେକ୍ ଟି-ସାର୍ଟ ଝିଅମାନଙ୍କ ଅଧିକ ପସନ୍ଦ । ଏହା ନା କେବଳ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ ବରଂ ଥଣ୍ଡାରୁ ମଧ୍ୟ ବଞ୍ଚାଇଥାଏ । ହାଇନେକ୍ ଟି-ସାର୍ଟର ସବୁଠୁ ଭଲ କଥା ହେଲା ଯେକୌଣସି ବଡି ଟାଇପ୍‌ରେ ଫିଟ୍ ବସିଥାଏ । ତେବେ ହାଇନେକ୍ ଟିସାର୍ଟକୁ କିପରି ଷ୍ଟାଇଲ୍ କରିବେ ଜାଣନ୍ତୁ କିଛି ଟିପ୍ସ ।

ସ୍କର୍ଟ ସହିତ ପିନ୍ଧୁଥିଲେ ହାଇନେକ୍ ସାର୍ଟକୁ ଇନ୍ କରନ୍ତୁ ଏବଂ ଥାଇହାଇ ଷ୍ଟକିଙ୍ଗସ୍‌ରେ ଲୁକ୍ ଶେଷ କରନ୍ତୁ ।

ହ୍ୟାଟ୍: ହାଇନେକ୍ ପିନ୍ଧିଥିଲେ ଆକ୍ସେସରିଜ୍ ରୂପେ ହ୍ୟାଟ୍ ସାମିଲ କରନ୍ତୁ । ହ୍ୟାଟ୍‌ରେ ଆପଣ ଲୁକ୍‌କୁ ପୂରା ପରିବର୍ତ୍ତନ କରିପାରିବେ । ହେଲେ ହ୍ୟାଟ୍ ନେଲା ସମୟରେ ଆପଣଙ୍କ ଚେହେରାର ସେପ୍ ଉପରେ ବି ଧ୍ୟାନ ରଖିବା ଭୁଲନ୍ତୁ ନାହିଁ । କାରଣ ହ୍ୟାଟ୍ ସମସ୍ତଙ୍କ ଚେହେରାରେ ଭଲ ଲାଗିନଥାଏ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ସଂଖ୍ୟା ଓ ସମ୍ବଳ...

ସମୟ ସଦା ଗତିଶୀଳ, ପରିବର୍ତ୍ତନଶୀଳ । ଘଣ୍ଟାର କଣ୍ଟା ଅବିରତ ଟିକ୍ ଟିକ୍ କରି ଏକଥା ସୂଚାଇ ଦେଇଥାଏ । ଠିକ୍ ସେମିତି ଅବିରତ ଚାଲୁ ରହିଥାଏ ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ ଜନ୍ମ ନେଉଥିବା ମାନବ ଶିଶୁଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରୁଥିବା ଘଂଟା ଏବଂ ବିଶ୍ୱ ଜନସଂଖ୍ୟାରେ ଘଟୁଥାଏ ପରିବର୍ତ୍ତନ । ଆଉ ଏହି କ୍ରମରେ ଆମର ଏଇ ପୃଥିବୀ ରୂପକ ଗ୍ରହର ବର୍ତ୍ତମାନ ସମୟର ଆମେ ସବୁ ବାସିନ୍ଦା ଅଳ୍ପ କେତେ ସପ୍ତାହ ମଧ୍ୟରେ ଜନସଂଖ୍ୟାରେ ଏକ ସର୍ବବୃହତ୍ ଗାଣିତିକ ସଂଖ୍ୟା ଆଠ ବିଲିଅନ୍ ବା ତା'ଠୁ ଅଧିକ କିଛିକୁ ପରିଲକ୍ଷିତ କରିବାକୁ ଯାଉଛେ । ଜାତସଂଘକୁ ମିଶାଇ ଆହୁରି ଅଧିକାଂଶ ଆଳକନ ନଭେମ୍ବର ୧୫ତାରିଖ କିମ୍ବା ତା'ପରେ ଆସିବାକୁ ଥିବା ସପ୍ତାହଗୁଡ଼ିକର କୌଣସି ଏକ ଦିନ ଏହି ବହୁ ପ୍ରତିକ୍ଷିତ ସଂଖ୍ୟାକୁ ପ୍ରତ୍ୟକ୍ଷ କରିବା ନେଇ ଭବିଷ୍ୟବାଣୀ କରିଛନ୍ତି । ୨୨୦ ବର୍ଷ ପୂର୍ବେ ବିଶ୍ୱ ତା' ବକ୍ଷରେ ଏକ ବିଲିଅନ୍ ଲୋକଙ୍କୁ ଧାରଣ କରିବାର ସୌଭାଗ୍ୟ ଅର୍ଜନ କରିଥିବାବେଳେ ୧୯୬୦ ଦଶକ ବେଳକୁ ପୃଥିବୀର ଜନସଂଖ୍ୟା ତିନି ବିଲିଅନକୁ ଛୁଇଁଥିଲା । ତା'ପରେ ଜନସଂଖ୍ୟା ହୁ ହୁ ହୋଇ ବଢ଼ିବାକୁ ଲାଗିଲା ଏବଂ ମାତ୍ର ୫୦ ବର୍ଷରୁ ବି କମ୍ ସମୟ ଅବଧି ମଧ୍ୟରେ ଏହା ଦ୍ୱିଗୁଣିତ ହୋଇ ଚାରିରୁ ଆଠ ବିଲିଅନ୍‌ରେ ପହଂଚିଗଲା । ସମ୍ପ୍ରତି ଜନଂସଖ୍ୟାର ବୃଦ୍ଧି ହାର ଏକ ଦଶନ୍ଧି ବା ଦଶ ବର୍ଷରେ ହାରାହାରି ଏକ ବିଲିଅନ୍ ହେଉଛି । ଏସବୁ ଭବିଷ୍ୟବାଣୀ ଭାରତ ପାଇଁ ମଧ୍ୟ ଅନ୍ୟ ଏକ ଖବର ବହନ କରି ଆଣୁଛି ଯେ ଆଉ ମାତ୍ରେ ବର୍ଷେ ଭିତରେ ଆମ ଦେଶ ବିଶ୍ୱର ସର୍ବାଧିକ ଜନସଂଖ୍ୟାବିଶିଷ୍ଟ ରାଷ୍ଟ୍ର ଚୀନର ଜନସଂଖ୍ୟାକୁ ଅତିକ୍ରମ କରିଯିବ ଏବଂ ଏହି ଦୃଷ୍ଟିରୁ ପ୍ରଥମ ସ୍ଥାନକୁ ଅକ୍ତିଆର କରିବ । ପୁନଶ୍ଚ, ଏ ଦୁଇ ଦେଶ ଅର୍ଥାତ ଭାରତ ଓ ଚୀନ୍ ସେମାନଙ୍କ ମଧ୍ୟରେ ତିନି ବିଲିଅନ୍ ଲୋକଙ୍କ ଆବଣ୍ଟନ କରିବେ । ପରିଣତିସ୍ୱରୂପ, ୪.୬ ବିଲିଅନରୁ ଅଧିକ ସଂଖ୍ୟକ ଲୋକଙ୍କ ବାସଭୂମି ହେବା ସହିତ ଏସିଆ ମହାଦେଶ ବିଶ୍ୱର ସର୍ବାଧିକ ଜନବହୁଳ ମହାଦେଶର ମାନ୍ୟତା ଲାଭ କରିବ । ଅପରପକ୍ଷରେ, ସାମଗ୍ରିକ ଭାବରେ ଆଫ୍ରିକା ମହାଦେଶ ପୃଥିବୀର ତୃତୀୟ ସର୍ବବୃହତ୍ ଗୋଷ୍ଠୀ, ସର୍ବାଧିକ ଯୁବ ବର୍ଗଙ୍କ ଦେଶ ଏବଂ କ୍ରମ ବର୍ଦ୍ଧନଶୀଳ ମହାଦେଶ ରୂପରେ ଉଭା ହେବ । ହାରାହାରି ୧.୪ ବିଲିଅନ୍ ଜନସଂଖ୍ୟା ସହିତ ଏହା ଭାରତ ଓ ଚୀନ୍ ସହିତ ପ୍ରାୟ ସମାନ ହୋଇଯିବ । ସେହିପରି ପ୍ରାୟ ୭୫୦ ମିଲିଅନ୍ ଜନସଂଖ୍ୟା ସହିତ ୟୁରୋପ୍ ମହାଦେଶ ତୃତୀୟ ସ୍ଥାନରେ ରହିବାକୁ ଯାଉଥିବାବେଳେ ବିଶ୍ୱ ଜନସଂଖ୍ୟାରେ ଏହାର ଅବଦନା ୧୦ ପ୍ରତିଶତରୁ କମ୍ ରହିବା ଆଶା କରାଯାଉଛି । ସୂଚନାଯୋଗ୍ୟ ଯେ ପ୍ରାୟ ଶହେ ବର୍ଷ ପୂର୍ବେ ଏହି ମହାଦେଶର ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ହାରାହାରି ଏକ ତୃତୀୟାଂଶ ଥିଲା ଯାହାକି ସାମ୍ପ୍ରତିକ ଆକଳନ ଅନୁସାରେ ଯଥେଷ୍ଟ ସ୍ୱଳ୍ପ ବୃଦ୍ଧିହାରକୁ ଦର୍ଶାଉଛି । ଜନସଂଖ୍ୟା ବୃଦ୍ଧି ତାଲିକାରେ ଏହା ତଳକୁ ରହିବେ ହାରାହାରି ୬୦୦ ମିଲିଅନ୍ ସହିତ ଉତ୍ତର ଆମେରିକା ଏବଂ ୪୫୦ ମିଲିଅନ୍ ସହିତ ଦକ୍ଷିଣ ଆମେରିକା । ଏସବୁ ଭିତରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲ୍ୟାଣ୍ଡକୁ ଅନ୍ତର୍ଭୁକ୍ତ କରି ୫୦ ମିଲିଅନରୁ ମଧ୍ୟ କମ୍ ସଂଖ୍ୟା ସହିତ ଓସିନିଆ ସବୁଠୁ କମ୍ ଜନସଂଖ୍ୟାବିଶିଷ୍ଟ ମହାଦେଶୀୟ ରାଷ୍ଟ୍ରପୁଞ୍ଜ ହେବାକୁ ଯାଉଛି । ତେବେ ସୀମିତ ସମ୍ବଳ ମଧ୍ୟରେ ଏହି ବିପୁଳ ଜନସଂଖ୍ୟାର ପ୍ରତିପାଳନ ନେଇ ଆତଙ୍କିତ ହେବାର ସେପରି କୌଣସି କାରଣ ନାହିଁ ବୋଲି କୁହନ୍ତି ବିଶେଷଜ୍ଞମାନେ । କାରଣ ସମ୍ବଳର ଅଭାବ ପଡ଼ିବା ନେଇ ଯେଉଁ ଆଶଙ୍କା ସୃଷ୍ଟି ହେଉଛି, ତାହା ପ୍ରକୃତ କ୍ଷେତ୍ରରେ ହେବାର ସମ୍ଭାବନା କ୍ଷୀଣ, ଯେହେତୁ ପ୍ରକୃତରେ ଜନସଂଖ୍ୟାର ହାର ଊର୍ଦ୍ଧ୍ୱଗତି ନୁହେଁ, ବରଂ ନିମ୍ନଗତି ଆପଣାଉଛି । ଶିକ୍ଷା, ଗର୍ଭ ନିରୋଧଗୁଡ଼ିକର ଉପଲବ୍ଧତା ଏବଂ ଏସବୁର ବ୍ୟବହାର କରିବା ପାଇଁ ପ୍ରଦତ୍ତ ସ୍ୱାଧୀନତା ତଥା ଅର୍ଥନୀତିକ ଉନ୍ନତି ଫଳରେ ସମଗ୍ର ବିଶ୍ୱରେ ବର୍ତ୍ତମାନ ପ୍ରଜନନ ହାର କମି କମି ଚାଲିଛି । ଏମିତିକି ସାମ୍ପ୍ରତିକ ସମୟରେ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ରର ପରିଚିତ ପାଉଥିବା ଚୀନରେ ମଧ୍ୟ ଗୋଟିଏ ସନ୍ତାନ ନୀତି ତାର ସ୍ଥିତିକୁ ସୁଦୃଢ଼ କରିସାରିଛି ଏବଂ ବାସ୍ତବ କ୍ଷେତ୍ରରେ ତେଣୁ ଏହାର ଜନସଂଖ୍ୟା ଦୋଦୁଲ୍ୟମାନ ଅବସ୍ଥାରେ ରହିଛି ।

ଔଷଧ କମ୍ପାନୀଙ୍କ ଖେଳ

ଗୋପାଳ ମହାପାତ୍ର

ଦେଶର ଔଷଧ ନିର୍ମାଣକାରୀ ସଂସ୍ଥାମାନେ କରୋନା ମହାମାରୀ ବେଳେ ସଂପୂର୍ଣ୍ଣ ମାନବତାକୁ ଭୁଲି ଲାଭ କମାଇବା ପାଇଁ ଉଦ୍ୟମ କରିଥିବା ବାବଦରେ ଏବେ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଚାଲିଛି । ଲୋକେ ଯେତେବେଳେ କରୋନା ସମୟରେ ଜୀବନ ମରଣ ସହ ସଂଘର୍ଷରତ ଥିଲେ ସେତେବେଳେ ଏଭଳି ଘଟଣା ନିଶ୍ଚୟ ମାନବତାକୁ କଳଙ୍କିତ କଲା ଭଳି ଏକ ଉଦାହରଣ । କିଛିଦିନ ତଳେ ଏ ସମ୍ପର୍କରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା । ମାମଲାର ତଥ୍ୟ ଅନୁସାରେ କିଛି ଔଷଧ ନିର୍ମାଣକାରୀ ସଂସ୍ଥା ଇକେସନ୍‌ର କଳାବଜାରୀ, ନକଲି ଇକ୍‌ସେନ୍ ବିକ୍ରୀ, ଚିକିତ୍ସାଳୟ ମାନଙ୍କରେ ଶଯ୍ୟାର ଅଭାବ କଥା କହି ଲୋକଙ୍କ ଅସୁବିଧାରୁ ବେଶ୍ ଫାଇଦା ଉଠାଉଥିଲେ । ଏପରିକି ଅକ୍ସିଜେନ୍ ସିଲେଣ୍ଡର ଓ ଅନ୍ୟ କିଛି ବାହାନାରେ ମଧ୍ୟ ଠକୁଥିଲେ । ଏହା ଅତ୍ୟନ୍ତ ଚିନ୍ତାଜନକ ଘଟଣା । ସବୁଠାରୁ ସମ୍ବେଦନଶୀଳ ଘଟଣା ହେଉଛି ଏକ ନିର୍ଦ୍ଦିଷ୍ଟ ଔଷଧ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ଡାକ୍ତରମାନଙ୍କୁ ବ୍ୟାପକ ଭାବେ ଉପକୃତ କରାଯାଇ ଡୋଲୋ ୬୫୦ ନାମକ ଏକ ଜ୍ୱର ନିବାରଣକାରୀ (ପାରାସିଟାମଲ୍) ଔଷଧ (ଖାଇବା) ପାଇଁ ରୋଗୀଙ୍କ ପ୍ରେସ୍‌କ୍ରିପ୍‌ସନ୍‌ରେ ଲେଖାଯାଉଥିଲା । ମାନ୍ୟବର ସୁପ୍ରିମକୋର୍ଟ ଜନସ୍ୱାର୍ଥ ମାମଲାଟିକୁ ବିଚାର ପାଇଁ ଗ୍ରହଣ କରିଛନ୍ତି ଓ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ୨ଜଣିଆ ଖଣ୍ଡପୀଠ ଏହାର ବିଚାର କରୁଛନ୍ତି ।

ପୂର୍ବରୁ ଡୋଲପାର ନାମରେ ଦୂର ନିବାରଣକାରୀ ଔଷଧ ବଜାରକୁ ଆସୁଥିଲା କିନ୍ତୁ ସେହି ଔଷଧରେ ଅନ୍ୟ କେତେକ ମିଶ୍ରଣ କରାଯାଇ ନିର୍ମାଣକାରୀ କମ୍ପାନୀ ଡୋଲୋ-୬୫୦ ନାମରେ ଔଷଧକୁ ବଜାରକୁ ଛାଡ଼ିଥିଲା । ଡୋଲୋ-୬୫୦ ପୂର୍ବରୁ କ୍ରୋସିନ୍, କାଲପୋଲ ଭଳି ଔଷଧ ମଧ୍ୟ ବଜାରରେ ବେଶ୍ ଆଦୃତ ଥିଲା । ଜ୍ୱର ହେଲେ ଡାକ୍ତରମାନେ ଏଭଳି କେତେକ ଔଷଧ ସେବନ ପାଇଁ ରୋଗୀକୁ ପରାମର୍ଶ ଦେଇଥାନ୍ତି । କିନ୍ତୁ କରୋନା ମହାମାରୀ ସମୟରେ ଡାକ୍ତରମାନେ ପ୍ରାୟତଃ ଡୋଲେ-୬୫୦ ସେବନ ପାଇଁ ପରାମର୍ଶ ଦେଇଥିଲେ । ଡାକ୍ତରଙ୍କ ପରାମର୍ଶ କାରଣରୁ ଲୋକେ ବାଧ୍ୟ ହୋଇ ଡୋଲୋ-୬୫୦ କ୍ରୟ କରିବାକୁ ଲାଗିଲେ । ଜ୍ୱର ପାଇଁ ଡାକ୍ତରମାନେ ପାରାସିଟାମଲ୍ ସେବନ ପାଇଁ ପରାମର୍ଶ ଦେଇଥାନ୍ତି । କିନ୍ତୁ କରୋନା ସମୟରେ ଦେଶରେ ପ୍ରତିଦିନ ୫୫ ଲକ୍ଷରୁ ଅଧିକ ଡୋଲେ-୬୫୦ ବିକ୍ରି ହେଉଥିଲା ବୋଲି ଅନୁମାନ କରାଯାଇଛି । ଯଦି ଏହା ଠିକ୍ ତେବେ ଔଷଧ ନିର୍ମାଣକାରୀ ସଂସ୍ଥା କେବଳ ଡୋଲୋ-୬୫୦ ବିକ୍ରୀରୁ କୋଟି କୋଟି ଟଙ୍କା ପାଉଥିଲା । ହୋଇପାରେ ଜନସ୍ୱାର୍ଥ ମାମଲା ଦାଏର କରିଥିବା ପକ୍ଷ ଏଭଳି ଅତିଶୟୋକ୍ତି ତଥ୍ୟ ପ୍ରଦାନ କରିଥାଇପାରନ୍ତି । କିନ୍ତୁ ଡୋଲୋ-୬୫୦ ନିର୍ମାଣକାରୀ ସଂସ୍ଥାର ତଥ୍ୟ ଅନୁସାରେ ୨୦୨୦ ମସିହା ମାର୍ଚ୍ଚ ମାସରୁ ୨୦୨୧ ଡିସେମ୍ବର ମାସ ମଧ୍ୟରେ ୫୬୭ କୋଟିରୁ ଅଧିକ ଟଙ୍କାର ଡୋଲୋ-୬୫୦ ବିକ୍ରି ହୋଇଛି । ଗୋଟିଏ ନିର୍ଦ୍ଦିଷ୍ଟ କମ୍ପାନୀର ଗୋଟିଏ ମାତ୍ର ଔଷଧର ୨୨ ମାସ ମଧ୍ୟରେ ଏଭଳି ବିକ୍ରିକୁ ନେଇ ସନ୍ଦେହ ହେବା ସ୍ୱାଭାବିକ ।

ପାଖାପାଖି ଦେଢ ଦଶନ୍ଧି ପୂର୍ବରୁ ରାଜସ୍ଥାନର ଜନୈକ ବରିଷ୍ଠ ଅଧିକାରୀ ଯାହାଙ୍କର ଡାକ୍ତରୀ ବିଜ୍ଞାନ ଉପରେ ଅଧିକ ଜ୍ଞାନଥିଲା ସିଏ ଜେନେରିକ୍ ଔଷଧ ସେବନ ପାଇଁ ଲୋକଙ୍କୁ ପ୍ରବର୍ତ୍ତାଇବା ସହ ଏବାବଦରେ ଏକ ଅଭିଯାନ ମଧ୍ୟ ଚଳାଇଥିଲେ । ଜେନେରିକ୍ ଔଷଧ ଶସ୍ତା ଏବଂ ଗୁଣକାରୀ । ଏଣୁ ସାଧାରଣ ଗରିବ ଲୋକେ ମଧ୍ୟ ଏହାକୁ କ୍ରୟ କରିପାରିବେ । ଏବେ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଛି ଓ ସରକାରୀ ଚିକିତ୍ସାଳୟ ମାନଙ୍କରେ ଡାକ୍ତରମାନେ ଅଧିକ ଭାବେ ଜେନେରିକ୍ ଔଷଧ ସେବନ ପାଇଁ ପରାମର୍ଶ ଦେଉଛନ୍ତି । କେନ୍ଦ୍ର ସରକାର ମଧ୍ୟ ଜନ-ଔଷଧି କେନ୍ଦ୍ରମାନଙ୍କ ମାଧ୍ୟମରେ ଜେନେରିକ୍ ଔଷଧ ବିକ୍ରୀକୁ ପ୍ରୋତ୍ସାହିତ କରୁଛନ୍ତି । କିନ୍ତୁ ଏକଥା ମଧ୍ୟ ସତ୍ୟ ଯେ ଏବେବି ଜେନେରିକ ଔଷଧ ଉପରେ ଲୋକଙ୍କର ସଂପୂର୍ଣ୍ଣ ଭରଷା ନାହିଁ । ଏଣୁ ସାଧାରଣ ଲୋକେ ମଧ୍ୟ ଜେନେରିକ ଔଷଧ କ୍ରୟ ପାଇଁ ଆଗ୍ରହ ପ୍ରକାଶ କରୁନାହାଁନ୍ତି । ଭାରତୀୟ ଚିକିତ୍ସା ପରିଷଦ ଚିକିତ୍ସକ (ଡାକ୍ତର)ମାନଙ୍କ ପାଇଁ ଫାର୍ମା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ଆଚାର ସଂହତି ପ୍ରଣୟନ କରିଛି । ଏହି ଆଚାର ସଂହିତା ଅନୁସାରେ ଡାକ୍ତରମାନଙ୍କୁ ପ୍ରଲୋଭିତ କରିବା ଓ ଡାକ୍ତରମାନେ ଉପହାର ନେବା ଦୋଷାବହ । କିନ୍ତୁ ଭାରତୀୟ ଚିକିତ୍ସା ପରିଷଦର ଏହି ଆଚାର ସଂହିତାକୁ ପାଳନ କରାଯାଉନାହିଁ । ଅନ୍ୟପକ୍ଷରେ ଔଷଧ ନିର୍ମାଣକାରୀ ସଂସ୍ଥାମାନଙ୍କ ପାଇଁ କୌଣସି ଆଚାର ସଂହିତା ନାହିଁ । ଏଣୁ ଔଷଧ ନିର୍ମାଣକାରୀ ସଂସ୍ଥାମାନେ ଯେନତେନ ପ୍ରକାରେଣ ଲାଭ କରିବାକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି ।

ଡୋଲୋ - ୬୫୦ ହେଉଛି ଜ୍ୱର ନିବାରଣ ପାଇଁ ଏକ ସାଧାରଣ ଔଷଧ । ଜନସ୍ୱାର୍ଥ ମାମଲାର ଉତ୍ତର ଦେଇ ଫେଡେରେସନ୍ ଅଫ୍ ମେଡିକାଲ୍ ଏଣ୍ଡ ସେଲ୍ସ ରିପ୍ରେଜେଣ୍ଟେଟିଭ୍ ଆସୋସିଏସନ୍ ଯାହା କହିଛି ସେଥିରୁ ଡୋଲୋ-୬୫୦ର ବିକ୍ରୀ ବାବଦରେ ଅନେକ ସମ୍ବେଦନଶୀଳ କଥା ଜଣାପଡ଼ିଛି । ସାଧାରଣ ଲୋକେ ଔଷଧ ବାବଦରେ କିଛି ଜାଣିନଥାନ୍ତି । ଡାକ୍ତର ଯାହା ପରାମର୍ଶ ଦିଅନ୍ତି ତଦନୁସାରେ ଔଷଧ କ୍ରୟ କରିଥାନ୍ତି । ଡୋଲୋ -୬୫୦ ର ନିର୍ମାଣକାରୀ ସଂସ୍ଥା ଯେ କିଭଳି ଭାବେ ଔଷଧ ବିକ୍ରୀକୁ ବୃଦ୍ଧି କରିପାରିଥିଲା ଏବେ ସେ ବାବଦରେ ଅନେକ ତଥ୍ୟ ପଦାକୁ ଆସୁଛି । ଡୋଲୋ-୬୫୦ର ନିର୍ମାଣକାରୀ ସଂସ୍ଥା ମାଇକ୍ରୋ ଲ୍ୟାବ ପକ୍ଷରୁ ଦେଶର ବିଭିନ୍ନ ଅଞ୍ଚଳର ଡାକ୍ତରମାନଙ୍କୁ ହଜାରେ କୋଟି ଟଙ୍କାର ଉପହାର ପ୍ରଦାନ କରାଯାଇଥିବା କଥା ପଦାକୁ ଆସିଲାଣି । ଔଷଧ ସିଧାସଳଖ ଭାବେ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସହ ଜଡ଼ିତ । ସାଧାରଣ ଲୋକେ ଚିକିତ୍ସା ପାଇଁ ଜମିବାଡି ବିକ୍ରି କରି ରାଜରାସ୍ତାକୁ ଚାଲି ଆସୁଛନ୍ତି । ଔଷଧ କମ୍ପାନୀମାନଙ୍କର ଲୋକଙ୍କୁ ଠକିବା ଘଟଣା କିଛି ନୂଆ କଥା ନୁହେଁ । ମାଇକ୍ରୋ ଲ୍ୟାବ ପକ୍ଷରୁ ଅଭିଯୋଗ ଉଠୁଥିବା ଉପହାର ପ୍ରସଙ୍ଗରେ ସ୍ପଷ୍ଟିକରଣ ଦିଆଯାଇପାରେ କିନ୍ତୁ ରାତାରାତି ଡୋଲୋ-୬୫୦ କେମିତି ସବୁ ଡାକ୍ତରଙ୍କ ପସନ୍ଦର ଔଷଧ ହୋଇପାରିଲା ଓ କାହିଁକି ଡାକ୍ତରମାନେ ଏହାର ସେବନ ପାଇଁ ପରାମର୍ଶ ଦେଲେ ସେ ବାବଦରେ ଅଧିକ ତଦନ୍ତ ହେବା ଆବଶ୍ୟକ । ଆମେରିକା, ଇଂଲଣ୍ଡ, ଫ୍ରାନ୍ସ ଭଳି ଅନେକ ଦେଶରେ ଔଷଧ ନିର୍ମାଣକାରୀ ସଂସ୍ଥାମାନଙ୍କର ଅନୈତିକ କାର୍ଯ୍ୟକୁ ରୋକିବା ଦିଗରେ ପ୍ରାବଧାନ ରହିଛି କିନ୍ତୁ ଭାରତରେ ଏଭଳି ପ୍ରାବଧାନ ନାହିଁ । ଏଣୁ ଔଷଧ ନିର୍ମାଣକାରୀ ସଂସ୍ଥାମାନେ ମନମାନି କରୁଛନ୍ତି ।

+ରାମଚନ୍ଦ୍ରପୁର, ରଣପୁର
ମୋ- ୯୪୩୮୪୮୫୦୯୪

ସଂଗ୍ରାମୀ ଫକୀର : ଡ଼ ରାମମନୋହର ଲୋହିଆ

ବିପିନ ବିହାରୀ ମହାନ୍ତି

ଭାରତର ସ୍ୱାଧୀନତା ଏବଂ ନୂତନ ଭାରତ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇଥିବା ବ୍ୟକ୍ତିତ୍ୱ ହେଉଛନ୍ତି ଡ. ରାମମନୋହର ଲୋହିଆ । ସେ ମାର୍ଚ୍ଚ ୨୩, ୧୯, ୧୦ରେ ପ୍ରବଳ ଜାତୀୟବାଦୀପିତା ହିରାଲାଲ୍ ଏବଂ ଚନ୍ଦାଙ୍କ ଔରସରୁ ଅକରପୁର, ଉତର ପ୍ରଦେଶରେ ଜନ୍ମ ନେଇଥିଲେ । ଶୈଶବରୁ ସେ ଥିଲେ ମାତୃହରା । ସେ ତାଙ୍କର ସେହି ପିଲାଦିନୁ ପିତାଙ୍କ ସହିତ ଅନେକ କଂଗ୍ରେସ ସଭାରେ ଯୋଗଦେଇଛନ୍ତି ଏବଂ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଛନ୍ତି । ଏକଦା ପିତାଙ୍କ ସଙ୍ଗରେ ଯାଇଥିବାବେଳେ ଏକ ସଭାରେ ଗାନ୍ଧୀଙ୍କ ଭାଷଣରେ ଏମିତି ମନ୍ତ୍ରମୁଗ୍ଧ ହୋଇଗଲେ ଯେ, ସେବେଠୁ ପାଲଟିଗଲେ ତାଙ୍କ ପଟ୍ଟଶିଷ୍ୟ ଏବଂ ସତ୍ୟ ଓ ଅହିଂସାର ପୂଜାରୀ । ମାତ୍ର ଦଶବର୍ଷ ବୟସରେ ସେ ୧୯୨୧ ମସିହାରେ ସତ୍ୟାଗ୍ରହ ଶୋଭାଯାତ୍ରା ଓ ଆନ୍ଦୋଳନରେ ଯୋଗଦେଇ ଗାନ୍ଧୀଙ୍କ ପ୍ରତି ତାଙ୍କ ବିଶ୍ୱସ୍ତତା ପ୍ରମାଣ କରାଇବା ସହିତ ଆଗାମୀ ଦିନଗୁଡ଼ିକରେ ସ୍ୱାଧନୀତା ସଂଗ୍ରାମରେ ଝାସ ଦେବାର ସେ ନିଷ୍ପତ୍ତି ମାନସିକ ସ୍ତରରେ ନେଇଥିଲେ ।

୧୯୨୧ ମସିହାରେ ତାଙ୍କର ଜବାହାରଲାଲ୍ ନେହେରୁଙ୍କ ସହିତ ସାକ୍ଷାତ ହେଲା । ସେବେଠୁ ମେଧ ତାଙ୍କର ଅତି ପ୍ରିୟହୋଇଗଲେ ଏବଂ ସେମାନଙ୍କ ମଧ୍ୟରେ ଏକ ଅତୁଟ ଏବଂ ଗଭୀର ସଂପର୍କ ସ୍ଥାପିତ ହୋଇଗଲା । ତଥାପି କେତେକ ସ୍ଥଳରେ ଏବଂ ରାଜନୈତି ପ୍ରସଙ୍ଗରେ ନେହୁରୁଙ୍କ ସହିତ ତାଙ୍କର ମତ ପାର୍ଥକ୍ୟଥିଲା । ୧୯୨୮ ମସିହାରେ ମାତ୍ର ୧୮ବର୍ଷରୁ ଯୁବକ ଲୋହିଆ ଏକ ଛାତ୍ର ସଂଗଠନ ଗଢ଼ି ତା'ରି ମାଧ୍ୟମରେ "ଅଲ-ହ୍ୱାଇଟ୍ ସାଇମନ କମିଶନ'ଙ୍କୁ ପ୍ରତିବାଦ ଓ ପ୍ରତିରୋଧ କରିଥିଲେ କାରଣ କମିଶନ ଚାହୁଁଥିଲେ ଯେ, ଭାରତୀୟମାନଙ୍କ ବିନା ପରାମର୍ଶରେ ସେ ସେମାନଙ୍କୁ ଇଚ୍ଛାମତେ କିଛି ସ୍ୱତନ୍ତ୍ରତା ଦେଇଦେବେ ।

ଏକ ଗୁରୁତ୍ୱ ଏବଂ ବାହାଦୁରୀ କଥା ଏହିଯେ, ଏପଟେ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ ହେଁ, ସେପଟେ ସେ ନିଜ ପାଠପଢ଼ା ପ୍ରତି ବେଶ୍ ସଚେତକ ଥିଲେ । ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ଆଇ ଏବଂ ୧୯୨୯ରେ କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏ ପାସ୍ କରିଥିଲେ । ସେଠୁ ବର୍ଲିନ୍ ବିଶ୍ୱବିଦ୍ୟାଳୟ ଅଧ୍ୟୟକ ପାଇଁ ଜର୍ମାନୀଠାରେ ତତା ୧୯୩୨ରେ ତାଙ୍କ ପି.ଏଚ୍.ଡ଼ି. ସମାପ୍ତ କଲେ । ସେ ଖୁବ୍ ଶୀଘ୍ର ଜର୍ମାନ ଶିଖିଗଲେ ଏବଂ ସେଠାରେ ତାଙ୍କର ଶିକ୍ଷାଗତ ଉଚ୍ଚସଂପନ୍ନ କୃତିତ୍ୱ ପାଇଁ ଆର୍ଥିକ ସହାୟତା ମଧ୍ୟ ପାଇଥିଲେ ।

ସେ ଇଉରୋପରେ ଥିଲାବେଳେ 'ଆସୋସିଏସନ୍ ଅଫ୍ ଇରୋପିଆନ୍ ଇଣ୍ଡିୟାନସ୍ ନାମକ କ୍ଲବ୍ ଗଠନ କରିଥିଲେ । ଏହାର ଉଦ୍ଦେଶ୍ୟଥିଲା ଭାରତର ଜାତୀୟତାକୁ ଦେଶବାହାରେ ସଂରକ୍ଷଣ ସଂପ୍ରସାରିତ ଓ ସମୃଦ୍ଧି କରାଇବା । ସେ ମଧ୍ୟ ଜାତିସଂଘର ଜେନଭା ସମ୍ମିଳନୀର ଯୋଗଦେଇଥିଲେ ଯଦିଓ ଭାରତରେ ବ୍ରିଟିଶରାଜ ତରଫରୁ ବିକାନିର ମହାରାଜା ଯୋଗ ଦେଇଥିଲେ । ଏଥିରେ ଲୋହିଆ ଆଶ୍ଚର୍ଯ୍ୟ ଓ ବ୍ୟଥିତ ହୋଇ ପରିଦର୍ଶକ ଗ୍ୟାଲରୀ ମଧ୍ୟରୁ ତୀବ୍ର ପ୍ରତିରୋଧ କରିଥିଲେ ଏବଂ ଏହାର କାରଣ ବିଭିନ୍ନ ପତ୍ରପତ୍ରିକା ମାଧ୍ୟମରେ ପ୍ରକାଶିତ କରିଥିଲେ । ଏହାହିଁ ରାମମନୋହର ଲୋହିଆଙ୍କୁ ଏକ ସୁପରଷ୍ଟାର ବା ଉଚ୍ଚକୋଟିର ନେତାରୂପେ ପ୍ରତିଷ୍ଠିତ ଓ ପ୍ରମାଣିତ କରିଦେଲା । ଏହାପରେ ସେ ଆସି ଭାରତର ଜାତୀୟ କଂଗ୍ରେସ ଦଳରେ ଯୋଗଦେଲେ । ୧୯୩୪ ମସିହାରେ ସେ କଂଗ୍ରେସ ସୋସିଆଲିଷ୍ଟ ପାର୍ଟିର ଭିତ୍ତିସ୍ଥାପନ କଲେ । ୧୯୩୬ ମସିହାରେ ପଣ୍ଡିତ ନେହୁରୁତାଙ୍କୁ 'ଅଲ ଇଣ୍ଡିଆ କଂଗ୍ରେସ' ଦଳର ସଂପାଦକ ରୂପେ ନିଯୁକ୍ତିନେଲେ । ଲୋହିଆଙ୍କ କାରଣରୁ ଏଇଠୁ ଆରମ୍ଭ ହେଲା ଭାରତର ବୈଦେଶିକ କାରବାର ପାଇଁ ବୈଦେଶିକ ନୀତିର ଭିତ୍ତି ।

୨୪ ମେ' ୧୯୩୬ରେ ପ୍ରଥମଥର ପାଇଁ ଲୋହିଆ ବନ୍ଦୀହେଲେ କାରଣ ସେ ଭାରତୀୟମାନଙ୍କୁ ସବୁ ସରକାରୀ ସଂସ୍ଥାକୁ ବର୍ଜନ କରିବାକୁ ଆହ୍ୱାନ ଦେଇଥିଲେ; କିନ୍ତୁ ତା' ପରଦିନ ତାଙ୍କୁ ମୁକ୍ତିଦେଲେ ଏଥିପାଇଁ ଯେ, କାଳେ ତାଙ୍କ ବନ୍ଦୀନେଇ ପ୍ରବଳ ଯୁବଜାଗରଣ ସୃଷ୍ଟିହେବ ଏବଂ ଯାହାକୁ ସମ୍ଭାଳିବା ସମ୍ଭବ ହୋଇନପାରେ । ତେବେ ତାଙ୍କ ପ୍ରବନ୍ଧ "ସାଂପ୍ରତିକ ସତ୍ୟାଗ୍ରହ ବା ସତ୍ୟାଗ୍ରହ ନାଓ", ଖବର କାଗଜରେ ପ୍ରକାଶ ପାଇଁ ତାଙ୍କୁ ଜୁନ୍ ୧୯୪୦ରେ ପୁନଶ୍ଚ ବନ୍ଦୀ କରାଯାଇ ଦୁଇବର୍ଷ ପାଇଁ ଜେଲକୁ ପଠାଇ

ବିନ୍ଦୁ

୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
ବୁଧବାର, ଅକ୍ଟୋବର ୧୨, ୨୦୨୨

୩୦ ବର୍ଷ ପରେ ବଦଳାନ୍ତୁ ଖାଦ୍ୟାଭ୍ୟାସ

ବୟସ ୩୦ ବର୍ଷ ଛୁଇଁଲେ ଆମ ଶାରୀରରେ ବିଭିନ୍ନ ପ୍ରକାରର ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ତେଣୁ ଏହି ସମୟରେ ଖାଦ୍ୟପାନୀୟ ଉପରେ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ । ଯଦି ଆପଣ ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତି, ତେବେ ବୃକକ, ଯକୃତ, ହୃଦୟ, ହାଡ଼, ମାଂସପେଶୀ ଓ ମସ୍ତିଷ୍କ ଆଦି ଦୀର୍ଘ ଦିନ ଯାଏ ସୁସ୍ଥ ରହିବ । କିନ୍ତୁ ସାମାନ୍ୟ ଅବହେଳା ଯୋଗୁ ଆଜିର ଯୁବବର୍ଗ କମ ବୟସରୁ ବିଭିନ୍ନ ରୋଗର ଶିକାର ହେଉଛନ୍ତି । ତେବେ ଆସନ୍ତୁ ଜାଣିବା ୩୦ ବର୍ଷ ପରେ କେଉଁ ସବୁ ଖାଦ୍ୟଠାରୁ ଦୂରେଇ ରହିବା ଉଚିତ୍ ।

କମ ବୟସରେ ମୋଟାପଣ, ହୃଦଘାତ, ମଧୁମେହ, କର୍କଟ ଓ ଉଚ୍ଚ ରକ୍ତଚାପ ପରି ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏସବୁ ସମସ୍ୟାଠାରୁ ଦୂରେଇ ସୁସ୍ଥ ଓ ଦୀର୍ଘ ଜୀବନ ଜୀଇବାକୁ ହେଲେ ୩୦ ବର୍ଷ ପରେ ନିଜର ଖାଇବା ପିଇବା ଉପରେ ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ । ତେବେ ୩୦ ବର୍ଷ କିକି ଖାଦ୍ୟଠାରୁ ଦୂରେଇ ରହିବା ଜରୁରି ଓ କ'ଣ ଖାଇବା ଆବଶ୍ୟକ । ଏହାସବୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନ ।

ଚିନି, ମିଠାଜାତୀୟ ଖାଦ୍ୟ:

ବୟସ ୩୦ ଛୁଇଁବା ମାତ୍ରେ ଯଥା ସମ୍ଭବ ଚିନି ସମ୍ପୂର୍ଣ୍ଣ ଛାଡ଼ି ଦେବା ଆବଶ୍ୟକ । ଚିନିର ବିକଳ୍ପ ଭାବେ ଗୁଡ ବ୍ୟବହାର କରିପାରିବେ । ସେହିପରି ମିଠା, ଚକୋଲେଟ୍, ଥଣ୍ଡା ପାନୀୟ ଆଦିରେ ବହୁ ମାତ୍ରାରେ ଚିନି ରହିଥାଏ । ତେଣୁ ଏହାର ବ୍ୟବହାର କମ କରିବା ଜରୁରି । ଅଧିକ ମିଠା ଖାଇବା ଦ୍ୱାରା ଶରୀରରେ କ୍ୟାଲୋରୀର ମାତ୍ରା ବଢ଼ିଥାଏ । ଯାହା ଫଳରେ ମଧୁମେହ ବଢ଼ିଥାଏ । ଏହା ବ୍ୟତୀତ ମୋଟାପଣ ଓ ହାଡ଼ ସମସ୍ୟା ଦେଖା ଦେଇଥାଏ ।

ଚା' ଓ କଫି କମ ପିଅନ୍ତୁ:

ପ୍ରାୟତଃ ଏହି ବୟସରେ ପହଞ୍ଚିବା ପରେ ଚା' ବା କଫିର ନିଶା ଧରିଯାଏ । ଚା' ଓ କଫିରେ କ୍ୟାଫିନ ରହିଥାଏ । ତେଣୁ ଦୀର୍ଘଦିନ ଧରି ପିଇବା ଦ୍ୱାରା ଅଭ୍ୟାସରେ ପଡ଼ିଯାଏ, ଯାହା ଶରୀର ଉପରେ କୁପ୍ରଭାବ ପକାଇଥାଏ । ସେହିପରି ଦୁଗ୍ଧ ଚା' ମଧ୍ୟ ବେଶ୍ କ୍ଷତିକାରକ । ଦୁଗ୍ଧ ଚାର' ପରିବର୍ତ୍ତେ ଗ୍ରୀନ ଟି' ବା ଲେମନ ଟି' ନେବା ଆବଶ୍ୟକ । ଦିନକୁ ୨ଥରରୁ ଅଧିକ ଚା' ପିଇବା ଅନୁଚିତ୍ । ଅଧିକ ଚା' ପିଇବା ଦ୍ୱାରା ଉଚ୍ଚ ରକ୍ତଚାପ, ମାଇଗ୍ରେନ, ମୁଣ୍ଡବିନ୍ଧା, କୋଷ୍ଠକାଠିନ୍ୟ ଓ ବଦହଜମୀ ଆଦି ଦେଖା ଦେଇଥାଏ ।

ବାହାର ଖାଦ୍ୟ କମାନ୍ତୁ:

ପ୍ରାୟଲୋକଙ୍କୁ ଘର ଖାଦ୍ୟ ଅପେକ୍ଷା ବାହାର ଖାଦ୍ୟ ବେଶି ସୁଆଦିଆ ଲାଗିଥାଏ । କିନ୍ତୁ ବାସ୍ତବତା ହେଲା ବାହାର ମିଳୁଥିବା ଫାଷ୍ଟଫୁଡ୍, ଜଙ୍କଫୁଡ୍ ଓ ରେଷ୍ଟୋଁରା ମିଳୁଥିବା ଖାଦ୍ୟରେ ଅଧିକ ତେଲ ମସଲା ଓ କେମିକାଲ ଯୁକ୍ତ ଫ୍ଲେବର ବ୍ୟବହାର କରାଯାଇଥା, । ତେଣୁ ୩୦ ବର୍ଷ ହେବା ପରେ ବାହାରର ଏହି ସବୁ ଖାଦ୍ୟ ଖାଇବା କମ କରି ଦେବା ବହୁତ ଜରୁରି । ବରଂ ଘରେ ତିଆରି ଖାଦ୍ୟ ପ୍ରତି ଗୁରୁତ୍ୱ ବଢ଼ାଇବା ଦରକାରୀ ଯାହା ଫଳରେ କର୍କଟ ଓ କୋଲେଷ୍ଟେରଲ ବଢ଼ିବାର ସମ୍ଭାବନା କମ ରହିଥାଏ ।

ମଦ୍ୟପାନ ଆଦୌ ନୁହେଁ:

ବୟସ ୩୦ ଟପିଲେ ଆପଣ ଘର ଓ କର୍ମକ୍ଷେତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ନ୍ତି । ଏହି ବୟସରେ ମାନସିକ ଚାପ ଓ ଚିନ୍ତାଠାରୁ ଦୂରେଇବାକୁ ଯାଇ ବହୁ ଲୋକ ମଦ୍ୟପାନର ସାହାଯ୍ୟ ନେଇଥାନ୍ତି । କିନ୍ତୁ ଜାଣନ୍ତି ୩୦ ବର୍ଷ ପରେ କିଡନୀ ଓ ଲିଭରର କ୍ଷମତା ଧୀରେ ଧୀରେ କମ ହୋଇଥାଏ । ତେଣୁ ମଦ୍ୟପାନ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଆବଶ୍ୟକ । ନଚେତ ମଦ୍ୟପାନ କରିବା ଦ୍ୱାରା ଆପରଙ୍କ ଲିଭର ଓ କିଡନୀ ଖରାପ ହେବାର ସମ୍ଭାବନା ବଢ଼ିଯାଇଥାଏ । କେବଳ ସେତିକି ନୁହେଁ, ମଦ୍ୟପାନ ମୋଟାପଣ, ମଧୁମେହ ଓ ଅନ୍ୟ କେତେକ ରୋଗକୁ ମଧ୍ୟ ଡାକି ଆଣିଥାଏ ।

ଶରୀରରେ ଫାଇବରର ମାତ୍ରା ବଢ଼ାନ୍ତୁ:

ଯଦି ୩୦ ବର୍ଷ ପରେ ଆପଣ ସୁସ୍ଥ ଅଛନ୍ତି, ତେବେ ଖାଦ୍ୟରେ ଏତେଟା ନିୟନ୍ତ୍ରଣ ଆବଶ୍ୟକ ହୋଇ ନଥାଏ । କିନ୍ତୁ ସାମାନ୍ୟତମ ନିୟମନ୍ତ୍ରଣରେ ରହିଲେ ଆହୁରି ଅଧିକ ଦିନ ସୁସ୍ଥ ରହିପାରିବେ । ତେଣୁ ବୟସ ଅନୁସାରେ ଖାଦ୍ୟରେ ପରିବର୍ତ୍ତନ ଆଣିବା ଜରୁରି । ପ୍ରଥମେ ଫାଇବରଯୁକ୍ତ ଖାଦ୍ୟକୁ ଗୁରୁତ୍ୱ ଦେବା ଦରକାର । ସତେଜ ପନିପରିବା, ଶାଗ ଓ ବିଭିନ୍ନ ରଙ୍ଗର ପରିବା ଖାଇବା ଆବଶ୍ୟକ । ପୂର୍ବରୁ ଖାଉଥିବା କର୍ବୋହାଇଡ୍ରେଟର ମାତ୍ରାକୁ କମ କରି ପ୍ରୋଟିନର ମାତ୍ରାକୁ ବଢ଼ାଇବା ଦରକାର । ସେହିପରି ସାଚ୍ୟୁରେଟେଡ୍ ଫ୍ୟାଟ୍ ଓ ତେଲ ଯଥାସମ୍ଭବ କମ ବ୍ୟବହାର କରିବା ଭଲ । ମହିଳାମାନେ ନିୟମିତ ଆଇରନଯୁକ୍ତ ଖାଦ୍ୟର ପରିମାଣ ବଢ଼ାଇବା ଆବଶ୍ୟକ । ଯଦି ମଧୁମେହ ଥାଏ, ତେବେ କେବଳ ଗହମ ଅଟା ପରିବର୍ତ୍ତେ ମିକ୍ସ ଅଟା ବ୍ୟବହାର କରିପାରିବେ । ମିକ୍ସ ଅଟା ଅର୍ଥାତ୍ ମକା, ବାହାର ଓ ଚଣାର ସମିଶ୍ରଣ ।

ଆମିଷ କମ୍ ଖାଆନ୍ତୁ:

ଯଦି ଆପଣ ଆମିଷ ଖାଇବାକୁ ପସନ୍ଦ କରୁଥାନ୍ତି, ତେବେ ୩୦ ବର୍ଷ ପରେ ଏହି ମାତ୍ରାକୁ ସାମାନ୍ୟ କମ କରିବା ଦରକାର । କାରଣ ମାଂସ ଖୁବ ବଗରିଷ୍ଠ ଖାନ୍ୟ, ଯାହାକୁ ହଜମ କରିବା ଖୁବ କଷ୍ଟ ସେହିପରି ରେଡ୍ ମିଟ୍ ଓ ପ୍ରୋସେସ ମିଟ୍ ଅଧିକ ଖାଇବା ଦ୍ୱାରା କେତେକ ରୋଗର ସମ୍ଭାବନା ବଢ଼ିଥା, । କିନ୍ତୁ ମାଛ ଖାଇପାରିବେ । ଏହି ବୟସରେ ଅଧିକରୁ ଅଧିକ ପନିପରିବା, ଫଳମୂଳ ଓ ଡ୍ରାଏଫ୍ରୁଟ୍ସ ଆଦି ଖାଇବା ଜରୁରି ।

କଫି କ୍ରୀମର

ଆମ ମାନଙ୍କ ଧାରଣା ରହିଛି ଯେ କଫି କ୍ରୀମ ଖୁବ ସାଧାରଣ ଜିନିଷ । ମାତ୍ର ଏଥିରେ ଥିବା ଟାଇଟେନିୟମ ଡାଇଅକ୍ସାଇଡ ଏବଂ ଅଲଟ୍ରାଭାଓଲେଟ୍ ରେଡିଏସନ ବ୍ଲକର ରହିଛି । କଫି କ୍ରିମ ଆମ ଲିଭର ଓ ଟିସୁକୁ ପଷ୍ଟ କରିବାରେ ସହଯୋଗ କରିଥାଏ । ଏହା ଟ୍ରାନ୍ସ ଫ୍ୟାଟ୍ ସହିତ ପ୍ୟାକ୍ କରାଯାଇଥାଏ । ଯେଉଁଥିରେ ହାଇଡ୍ରୋଜେନଡ ଅଏଲର ନାମକୁ ପଦାର୍ଥ ଲୁକାୟିତ ଅବସ୍ଥାରେ ରହିଥାଏ, ଯାହା ୪୫ ବର୍ଷରୁ କମ ବୟସ୍କଙ୍କଠାରେ ସ୍ମୃତି ଶକ୍ତି ହରାଇବାର ଅନ୍ୟତମ କାରଣ ସାଜିଥାଏ ।

ବିଶେଷ ଧ୍ୟାନ ଦିଅନ୍ତୁ

କୁହାଯାଏ କ୍ଷୀର ଶରୀର ପାଇଁ ବହୁତ ଜରୁରି କିନ୍ତୁ ୩୦ ବର୍ଷ ପରେ ପ୍ୟାକେଟ କ୍ଷୀର ଓ କ୍ଷୀରରୁ ତିଆରି ଅନ୍ୟ ଖାଦ୍ୟ ସମାଗ୍ରୀ ଯଥା ପନୀର, ଦହି, ଆଦି ଖାଇବା କମ କରିବା ଦରକାର । କ୍ୟାଲସିୟମର ଅଧିକ ଫଳ ଓ ପନିପରିବା ଖାଇବା ଆବଶ୍ୟକ ।

ମହିଳାଙ୍କ ଡାଏଟ୍:

୩୦ବର୍ଷ ପରେ ମହିଳାମାନେ ବିଶେଷ କରି ଡାଏଟ୍ ପ୍ଲାନକ୍ଷେତ୍ରରେ ବେଶି ଯତ୍ନଶୀଳ ହେବା ଉଚିତ । କାରଣ ଏହି ବୟସରେ ମହିଳାମାନେ ସୁସ୍ଥ ରହିବା ସହ ମୋଟା ହେବାରୁ ନିଜକୁ ରକ୍ଷା କରିବା ଆବଶ୍ୟକ । ତେଣୁ ସେମାନେ ଡାଏଟର କେତୋଟି ଦିଗ ପ୍ରତି ବିଶେଷ ଧ୍ୟାନ ଦେବା ଜରୁରି ।

ମଇଦାଠାରୁ ଦୂରାନ୍ତୁ:

ବୟସ ୩୦ ଟପିଲେ ମଇଦା ତିଆରି ଖାଦ୍ୟଠାରୁ ଦୂରେଇ ରହିବା ଉଚିତ୍ । ଆଜିକାଲି ବଜାରରେ ମିଳୁଥିବା ଅଧିକାଂଶ ଖାଦ୍ୟ ମଇଦାରେ ପ୍ରସ୍ତୁତ ହୋଇଥା, । ଯାହା ହଜମ ହେବା ସହଜ ହୋଇ ନଥାଏ । ସେହିପରି ଭାରତର ଅଧିକାଂଶ ଭାଗରେ ରୁଟି ମୁଖ୍ୟ ଖାଦ୍ୟ ଭାବରେ ଗ୍ରହଣୀୟ । ଏପରିକି ଆପଣଙ୍କ ଘରେ ମଧ୍ୟ ରୁଟି ବ୍ୟବହାର କରୁଥିବେ । ମାତ୍ର ଖାଲି ଅଟା ପରିବର୍ତ୍ତେ ମିକ୍ସ ଅଟାର ବ୍ୟବହାର କରିବା ଭଲ । ମିକ୍ସ ଅଟା ଅର୍ଥାତ୍ ମକା, ବାଜରା ଓ ଚଣାର ସମିଶ୍ରଣ । ମିକ୍ସ ଅଟା ଖାଇବା ଦ୍ୱାରା ମଧୁମେହ ଓ ମୋଟାପଣ ସମସ୍ୟା କମ ହୋଇଥାଏ ।

ସୁଗାର ଫ୍ରି ଖାଦ୍ୟ:

ବୟସ ୩୦ ହେବା ବେଳକୁ ପ୍ରାୟ ଲୋକ ସାମାନ୍ୟଠାରୁ ଟିକେ ମୋଟା ହୋଇଯାଇଥାନ୍ତି । ଏହା ହୁଏତ ଆପଣଙ୍କ ଲିଭର ଠିକ୍ ଭାବରେ କାମ କରୁନଥିବାର ସଙ୍କେତ ହୋଇପାରେ । ତେଣୁ ଏହି ସମୟରେ ଅଙ୍ଗପ୍ରତ୍ୟଙ୍ଗକୁ ସୁସ୍ଥ ରଖିବା ପାଇଁ କୃତ୍ରିମ ମିଠା ଭଳି ବିଷାକ୍ତ ପଦାର୍ଥଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ । ନକଲି ମିଠା ଖାଦ୍ୟ ଠାରୁ ଦୂରେଇବା ଜରୁରି । ଏହାବ୍ୟତୀତ ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ ।

ଅତ୍ୟଧିକ ମୋବାଇଲ୍ ଫୋନ୍ ବ୍ୟବହାର ଟ୍ୟୁମରର କାରଣ

ମୋବାଇଲ ଫୋନ୍ ବିନା ଆଜିକାଲି ବଞ୍ଚିବା କଷ୍ଟକର ହୋଇପଡ଼ିଲାଣି । ତେବେ ସେଲ୍‌ଫି ଫୋନ୍ ଯେ ଆମର ପ୍ରଭୂତ କ୍ଷତି କରୁଛି ସେ ବିଷୟରେ ଅନେକ ଅଜ୍ଞ । ଅତ୍ୟଧିକ ସେଲ୍‌ଫ ଫୋନ ବ୍ୟବହାର ଦ୍ୱାରା ମସ୍ତିଷ୍କରେ ଟ୍ୟୁମର ହୋଇପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । ଫ୍ରାନ୍ସର ଗବେଷକମାନେ ଏହାର ବିପଜ୍ଜନକ ପରିଣାମ ସମ୍ପର୍କରେ ସୂଚନା ଦେଇ କହି ସାବଧାନ କରାଇଦେଇଛନ୍ତି । ଏ ନେଇ ସେମାନେ ଅଧିକ ଅନୁଧ୍ୟାନ କରୁଛନ୍ତି ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି । ପିଟସବର୍ଗ ବିଶ୍ୱବିଦ୍ୟାଳୟର ମସ୍ତିଷ୍କ ଟ୍ୟୁମର ବିଶେଷଜ୍ଞ ଡକ୍ଟର ଏଲ୍ ଡାଡେ କହିଛନ୍ତି ଅତ୍ୟଧିକ ଫୋନ୍ ବ୍ୟବହାର ଓ ଟ୍ୟୁମର ସମସ୍ୟ ନେଇ ଏହା ପ୍ରଥମେ ଅଧ୍ୟୟନ ନୁହେଁ । ଗର୍ଭବତୀଙ୍କୁ ଚାପମୁକ୍ତ ରଖେ ଯୋଗ ଗର୍ଭାବସ୍ଥାରେ ଯୋଗ କଲେ ତାହା ଗର୍ଭବତୀଙ୍କ ପାଇଁ ହିତକର ହୋଇଥାଏ । ଏହା ସେମାନଙ୍କୁ ଚାପମୁକ୍ତ ରଖିବା ସହିତ ପିଲା ଜନ୍ମକୁ ନେଇ ଥିବା ବିଭିନ୍ନ ସମସ୍ୟା ଟାଳିଥାଏ ବୋଲି ଗବେଷକମାନେ ଜଣାଇଛନ୍ତି । ମଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟର ଗବେଷକମାନେ କହିଛନ୍ତି, ଗର୍ଭାସ୍ଥାରେ ଯୋଗ କରିବା ଏକ ବଢ଼ିଆ ବ୍ୟାୟାମ । ଏହି ସମୟରେ ହେଉଥିବା ପିଠି ଯନ୍ତ୍ରଣା, ସାଇଟିକା ଏବଂ ଅନ୍ୟାନ୍ୟ ବ୍ୟଥା ଓ ଯନ୍ତ୍ରଣା ଯୋଗ ଦ୍ୱାରା ଦୂର ହୋଇଥାଏ । ନିୟମିତ ଯୋଗ କରିବା ଦ୍ୱାରା ପ୍ରସବ ଅପେକ୍ଷାକୃତ ସହଜ ଓ କମ୍ ସମୟରେ ହୋଇଥାଏ । ଏହି ସମୟରେ ଖାସ୍ କରି ୫ଟି ଯୋଗାସନ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି । ସେହି ଆସନଗୁଡ଼ିକ ହେଲା ବଦ୍ଧା କୋଣାସନ, ଦଣ୍ଡାସନ, ମଜାରାଆସନ ଓ ଅଧୋ ମୁଖା ସ୍ୱନାସନ । ତେବେ ଏହା ଅଧିକ ଦେହ ପ୍ରତି କ୍ଷତି ଆଣିପାରେ ।

ପିତ୍ତକୋଷରେ ପଥର



ସାଧାରଣରେ ପିତ୍ତକୋଷରେ ବିଭିନ୍ନ ପ୍ରକାରର ଗ ଦେଖାଯାଇଥାଏ । ସେଗୁଡ଼ିକ ହେଲା ହଠାତ୍ ପିତ୍ତକୋଷ ଫୁଲିଯିବା, ଦରଜ ହେବା, ଜ୍ୱର ହେବା, ହଳଦିଆ ପରିସ୍ରା ହେବା ଇତ୍ୟାଦି । ଏହାକୁ ଏକ୍ୟୁଟ କୋଲେସିସ୍ ଟାଇଟିସ୍ କୁହାଯାଏ । ହଠାତ୍ ଏହି ରୋଗ ଆରମ୍ଭ ହୁଏ । ରୋଗୀ ପେଟରେ ଯନ୍ତ୍ରଣା ଅନୁଭବ କରେ । ଭୀଷଣ ଜ୍ୱର ହୁଏ ବାନ୍ତି ଏବଂ ହଳଦିଆ ପରିସ୍ରା ହୁଏ । ବେଳେବେଳେ ଆଖି ହଳଦିଆ ଦେଖାଯାଏ । ଆପେନଡ଼ିକସ୍ ବା ଯକୃତ ପଥରର ଲକ୍ଷଣ ନାରୀମାନଙ୍କ ଠାରେ ଅଧିକ ହୋଇଥାଏ । ବିଶେଷକରି ମୋଟା ସ୍ତ୍ରୀ ଲୋକ, ଛୁଆପିଲା ଥିବା ସ୍ତ୍ରୀ ଲୋକ, ୪୦ ବର୍ଷ ବା ତା' ଠାରୁ ଅଧିକ ବର୍ଷର ନାରୀଠାରେ ଏହି ରୋଗ ବେଶୀ ଦେଖାଯାଏ । ଏପରି ହେଲେ ପିତତ୍ତକୋଷ ଫୁଲିଯାଏ ଏବଂ ବ୍ୟଥା ହୁଏ । ପିତ୍ତକୋଷରେ ପଥର ଅଧିକ ଭାବରେ ନାରୀମାନଙ୍କର ହୁଏ ପିତ୍ତକୋଷରେ ପଥର ହେବାରେ ବିଭିନ୍ନ କାରଣ ରହିଛି। ତେବେ ମୂଳ କାରଣ ହେଲା ପିତ୍ତକୋଷରେ ଥିବା ପିତ୍ତ ଜମିଗଲେ ଏହା ଧୀରେଧୀରେ ଟାଣ ହୋଇଯାଏ ଏବଂ ପଥର ପରି ଶକ୍ତ ହୋଇଥାଏ । ଏହାକୁ ପିତ୍ତକୋଷରେ ପଥର କୁହାଯାଏ । ପିତ୍ତକୋଷରେ ପଥର ଥିଲେ ଏବଂ ହଠାତ୍ ସଂକ୍ରମଣ ନହେଲେ ଅନେକ ଦିନ ପର୍ଯ୍ୟନ୍ତ କୌଣସି ଲକ୍ଷଣ ଦେଖାଯାଏ ନାହିଁ । ଅନେକ କ୍ଷେତ୍ରରେ ଦେଖାଯାଇଛି କୌଣସି କାରଣରୁ ପେଟରେ ଅଲଟ୍ରାସୋନୋଗ୍ରାଫି କରିବା ବେଳେ ଏହା ଜଣାପଡ଼େ । ପିତ୍ତକୋଷରେ ପଥର ଥିଲେ ଏବଂ ସଂକ୍ରମଣ ହୋଇନଥିଲେ ଏହାର କୌଣସି ନିର୍ଦ୍ଦିଷ୍ଟ ଲକ୍ଷଣ ନଥାଏ । କେବଳ ବେଳେବେଳେ ପେଟ ଫୁଲାଇବା, ଅଧିକ ଚର୍ବିଜାତୀୟ ଖାଦ୍ୟ ଖାଇଲେ ହଜମ ନହେବା, ଆମ୍ଳିକା ହେକୁଟିରୁ ଅମ୍ଳପିତ୍ତ ହୋଇଥିବା ଜଣାପଡ଼େ ।

ଗୋଲଘରର କାହାଣୀ

ଭାରତ ଉପରେ ଇଂରେଜମାନେ ଅନେକ ବର୍ଷ ପର୍ଯ୍ୟନ୍ତ ଶାସନ କରିଥିଲେ । ଏ ସମୟରେ ଭାରତ ଯେଉଁଠି ସ୍ୱାଧୀନତା ପାଇଁ ଲଢ଼େଇ ଜାରି ରଖିଥିଲା, ସେଠାରେ ଇଂରେଜମାନେ କିଛି ଐତିହାସିକ କାର୍ଯ୍ୟ କରିଥିଲେ । ଏମିତି ଏକ କାର୍ଯ୍ୟର ଉଦାହରଣ ରହିଛି ବିହାରର ପାଟନା ସହରରେ । ଏଠାରେ ତତ୍କାଳୀନ ବ୍ରିଟିଶ ସରକାର ୧୭୭୦ରେ ପଡ଼ିଥିବା ଭୟଙ୍କର ଅକାଳରୁ ରକ୍ଷା ପାଇବାକୁ ଏକ ଗୋଲଘରର ନିର୍ମାଣ କରିଥିଲେ । ଏହି ଗୋଲଘର ନିର୍ମାଣ ସେତେବେଳେହୋଇଥିଲା ଯେତେବେଳେ ଭାରତରେ ଲକ୍ଷ ଲକ୍ଷ ନାଗରିକ ଭୟାନକ ମରୁଡ଼ିର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରୁଥିଲେ । ୨୯ ମିଟର ଉଚ୍ଚ ଏହି ଗୋଲଘରର ନିର୍ମାଣ ଗଭର୍ଣ୍ଣର ଜେନେରାଲ ୱାରେନ ହାଷ୍ଟିଙ୍ଗସଙ୍କ ନିର୍ଦ୍ଦୋଷରେ କ୍ୟାପଟେନ ଜନ ଗାର୍ଷ୍ଟିନ କରିଥିଲେ । ଏହାର ନିର୍ମାଣ ୧୭୮୪ରେ ଆରମ୍ଭ ହୋଇ ୧୭୮୬ରେ ଶେଷ ହୋଇଥିଲା ।

୩ଗୁଣ ବଢ଼ିବ ହୃଦ୍ ସମସ୍ୟା



୬୦ରୁ ଅଧିକ ବୟସର ବ୍ୟକ୍ତିଙ୍କ ହୃଦ୍ ସ୍ପନ୍ଦନ ବନ୍ଦ ଆଶଙ୍କା ୨୦୬୦ ବେଳକୁ ୩ଗୁଣ ହେବ । ଏକ ନୂଆ ଅଧ୍ୟୟନ ଏହା ଜାଣିବାକୁ ପାଇଛି । ବୟସ ବୃଦ୍ଧି ସହିତ ହୃଦସ୍ପନ୍ଦନ ବନ୍ଦ ବିଶ୍ୱସ୍ତରରେ ଏକ ପ୍ରମୁଖ ସମସ୍ୟା ହୋଇଛି । ବିଭିନ୍ନ ବିକାର ଯଥା-- ହୃଦ-ଧମନୀ ରୋଗ, ଉଚ୍ଚ ରକ୍ତଚାପ, ମେଦବୃଦ୍ଧି ଓ ମଧୁମେହ ଆଦି ହୃଦସ୍ପନ୍ଦନ ବନ୍ଦ ହେବାର କାରଣ ହୋଇପାରେ । ବୟସ ବଢ଼ିବା ସହିତ ଏଗୁଡ଼ିକ ବ୍ୟକ୍ତିକୁ ଆକ୍ରାନ୍ତ କରିଥାଏ । ପରିଣାମସ୍ୱରୂପ ଅଧିକାଂଶ ବୟସ୍କଙ୍କଠାରେ ହୃଦସ୍ପନ୍ଦନ ବନ୍ଦ ଆଶଙ୍କା ବୃଦ୍ଧି ପାଇଥାଏ ବୋଲି ଆଇସଲ୍ୟାଣ୍ଡର ଲ୍ୟାଣ୍ଡସ୍ପିଟାଲି ୟୁନିଭର୍ସିଟି ହସ୍ପିଟାଲ ହୃଦବିଶେଷଜ୍ଞ ରଗନାର ଡାନିଏଲସାନ କହିଛନ୍ତି । ଜର୍ଣ୍ଣାଲ୍ ୟୁରୋପିଆନ୍ ସୋସାଇଟି ଅଫ୍ କାର୍ଡିଓଲୋଜିରେ ଏହି ଅଧ୍ୟନ ପ୍ରକାଶ ପାଇଛି । ଏହାର ତଥ୍ୟ ଅନୁସାରେ, ଗବେଷକମାନେ ୫,୭୦୬ଜଣ ବୟସ୍କଙ୍କୁ ଅଧ୍ୟନରେ ସାମିଲ କରି ସେମାନଙ୍କ ବର୍ତ୍ତମାନର ଓଜନ, ଲିଙ୍ଗ ଓ ବୟସ ଉପରେ ବିଶ୍ଳେଷଣ କରିଥିଲେ । ତଥ୍ୟଗୁଡ଼ିକର ମିଶ୍ରଣରୁ ବୟସ୍କଙ୍କ ହୃଦସ୍ପନ୍ଦନ ବନ୍ଦ ହେବାର ବ୍ୟାପକ ମୂଲ୍ୟାଙ୍କନ କରାଗଲା। ଏଥିସହ ଭବିଷ୍ୟତରେ ସେମାନଙ୍କର ଠାରେ ଏହି ଆଶଙ୍କା ବୃଦ୍ଧିପାଇବା ବିଷୟ ମଧ୍ୟ ଜଣାପଡ଼ିଲା । ଅଧ୍ୟନରେ ସାମିଲ ପ୍ରତିଯୋଗୀ ୬୬ରୁ ୯୮ ବର୍ଷ ବୟସର ଥିଲେ । ହାରାହାରି ବୟସ ୭୭ ବର୍ଷ ଥିବାବେଳେ ଏଥିରେ ୫୮ ପ୍ରତିଶତ ପୁରୁଷଥିଲେ ।

ମହିଳାଙ୍କ ଅଭିଶାପ କାରଣରୁ କୌଣସି ଘରେ ନାହିଁ ଦ୍ୱିତୀୟ ମହଲା



ରାଜସ୍ଥାନର ଚୁରୁସ୍ଥିତ ଉହସଓର ନାମକ ଏକ ଗାଁ ଯାହା ଆଜି ବି ଚର୍ଚ୍ଚାରେ । ବଡ଼କଥା ହେଉଛି ଏହି ଗାଁ ରେ କୌଣସି ବ୍ୟକ୍ତିଙ୍କର ଘରେ ଦ୍ୱିତୀୟ ମହଲା ନାହିଁ । ଆଉ ଏହା ପଛର କାରଣ ହେଉଛି ଜଣେ ମହିଳାଙ୍କ ଅଭିଶାପ । ୭୦୦ ବର୍ଷ ପୁରୁଣା ଏହି ଗାଁକୁ ଆଜି ବି ବାହର ରାଜ୍ୟର ଲୋକେ ବୁଲିବାକୁ ଆସିଥାନ୍ତି । ସୂଚନା ଅନୁସାରେ ୭୦୦ବର୍ଷ ତଳେ ଏହି ଗାଁରେ ଭୋମିୟା ନାକ ଜଣେ ବ୍ୟକ୍ତି ରହୁଥିଲେ । ଥରେ ଗାଁ କୁ କିଛି ଚୋର ପ୍ରବେଶ କରି ପଶୁମାନଙ୍କୁ ଚୋରି କରିବା ଆମ୍ଭ କରିଥିଲେ । ଭୋମିୟା ଏହି ଚୋର ମାନଙ୍କୁ ରୋକିବାର ଚେଷ୍ଟା କରି ଗୁରୁତର ଆହତ ହୋଇଥିଲେ । ପରେ ସେ ଲୁଚି ନିଜ ଶଶୁର ଘରକୁ ପଳାଇଥିଲେ ଏବଂ ଘରର ଦ୍ୱିତୀୟ ମହଲାରେ ଲୁଚି ଯାଥିଲେ ଏବଂ ଘରର ଦ୍ୱିତୀୟ ମହଲାରେ ଲୁଚି ଯାଇଥିଲେ । ଯେତେବେଳେ ଏହି ଚୋରମାନେ ତାଙ୍କ ଶଶୁର ଘରେ ପହଞ୍ଚି ଅନ୍ୟମାନଙ୍କୁ ପିଟିବା ଆରମ୍ଭ କଲେ ସେତେବେଳେ ଶଶୂର ଘର ଲୋକେ ଭୋମିୟା ଉପରମହଲାରେ ଥିବା କହିଥିଲେ । ଚୋରମାନେ ଭୋମିୟାଙ୍କ ମୁଣ୍ଡଗଣ୍ଡି ଅଲଗା କରିଦେଇଥିଲେ । ଭୋମିୟା ହାର ମାନିଥିଲେ କଟାମୁଣ୍ଡକୁ ଧରି ସେ ଉଡସର ଗ୍ରାମକୁ ଆସିଥିଲେ । ଆଉ ଗ୍ରାମରେ ତାଙ୍କର ମୃତ୍ୟୁ ହୋଇଥିଲା । ଭୋମିୟାଙ୍କ ପତ୍ନୀ ଏହାପରେ ଗ୍ରାମକୁ ଅଭିଶାପ ଦେଇ କହିଥିଲେ ଯେ, ଆଜିଠାରୁ ଗ୍ରାମରେ କୌଣସି ବ୍ୟକ୍ତି ନିଜ ଘରେ ଦ୍ୱିତୀୟ ମହଲା କରିବେ ନାହିଁ । ପରେ ସେ ସତୀ ହୋଇଯାଇଥିଲେ । ସେବେଠାରୁ ଆଜିପର୍ଯ୍ୟନ୍ତ ଗ୍ରାମରେ କେହି ଦ୍ୱିତୀୟ ମହଲା କରିନାହାଁନ୍ତି ।

୫-ଟି ସଚିବଙ୍କ ୱାର୍ଲ୍ଡ ସ୍କିଲ ସେଂଟର ପରିଦର୍ଶନ

ଭୁବନେଶ୍ୱର ,୧୧/୧୦ (ନି.ପ୍ର): ଓଡିଶାର ଯୁବଗୋଷ୍ଠୀଙ୍କୁ ବିଶ୍ୱସ୍ତରୀୟ କୌଶଳ ତାଲିମ ପ୍ରଦାନ କରି ରାଜ୍ୟକୁ ଆଗେଇ ନେବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-'ଟି' ସଚିବ ଭି. କେ. ପାଣ୍ଡିଆନ କହିଛନ୍ତି । ସୋମବାର ଶ୍ରୀ ପାଣ୍ଡିଆନ ୱାର୍ଲ୍ଡ ସ୍କିଲ ସେଂଟର ପରିଦର୍ଶନରେ ଆସି ଏହାର ପରିଚାଳନା ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ବିଶ୍ୱସ୍ତରୀୟ ନିଯୁକ୍ତି ନିମନ୍ତେ ୱାର୍ଲ୍ଡ ସ୍କିଲ ସେଂଟର ରେ ଏକ ବର୍ଷିଆ ଅତ୍ୟାଧୁନିକ କୌଶଳ ତାଲିମ ଦିଆଯାଉଛି । ଆଗାମୀ ଦିନରେ ଏହା ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡ ଭାବେ ଉଭା ହେବ ବୋଲି ସେ କହିଛନ୍ତି । ଏଠାରୁ ପ୍ରଶିକ୍ଷଣ ନେଉଥିବା ପ୍ରଶିକ୍ଷାର୍ଥୀମାନେ ବିଶ୍ୱସ୍ତରର ପ୍ରମୁଖ ସଂସ୍ଥାମାନଙ୍କରେ ନିଯୁକ୍ତି ପାଇବେ । ଆଗାମୀ ଦିନରେ ରାଜ୍ୟର ସରକାରୀ ଆଇଟିଆଇମାନଙ୍କରେ ମଧ୍ୟ ଏହିଭଳି ଉନ୍ନତ ମାନର ଭିତିଭୂମି ତିଆରି କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ପ୍ରଶିକ୍ଷାର୍ଥୀଙ୍କ ଆତ୍ମବିଶ୍ୱାସ ଦେଖି ସେ ଖୁସି ବ୍ୟକ୍ତ କରିବା ସହ ସେମାନଙ୍କର ଆକାଂକ୍ଷା ସ୍ତର ଅଧିକ ରହିଛି ବୋଲି ମତବ୍ୟକ୍ତ କରିଛନ୍ତି। ଶ୍ରୀ ପାଣ୍ଡିଆନ ଏଠାରେ ମୁତୟନ ହୋଇଥିବା ଆଇଟିଇଏସ୍, ସିଙ୍ଗାପୁରର ଅଧିକାରୀମାନଙ୍କ ସହ ସେମାନଙ୍କର ଅଭିଜ୍ଞତା ବିଷୟରେ ପଚାରି ବୁଝିଥିଲେ ।

ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ ୱାର୍ଲ୍ଡ ସ୍କିଲ ସେଂଟରରୁ ଉତୀର୍ଣ୍ଣ ହେଉଥିବା ପ୍ରଶିକ୍ଷାର୍ଥୀଙ୍କ ନିଯୁକ୍ତି ନିମନ୍ତେ ବିଭିନ୍ନ ଏଜେନ୍ସି ଓ ପ୍ରମୁଖ ଶିଳ୍ପ ସଂସ୍ଥାଗୁଡ଼ିକର ସହଭାଗିତା ଉପରେ ଗୁରୁତ୍ୱ ଦିଆଯାଉଛି ।

ଶ୍ରୀ ପାଣ୍ଡିଆନ ବିୟୁଟି ୱେଲ୍‌ନେସ୍ ସ୍ପା, ଫେସିଆଲ ଓ ବଡି ଥେରାପି ଷ୍ଟୁଡିଓ, ହେୟାର ଫେସନ ଡିଜାଇନ, କଟିଙ୍ଗ ଓ ଷ୍ଟାଇଲିଙ୍ଗ ଷ୍ଟୁଡିଓ, ମେକାଟ୍ରନିକ୍ସ, ନିଉମାଟିକ, ଅଟୋମେସନ ଓ ବେସିକ ରୋବୋଟିକ୍ସ, ମେକାନିକାଲ ଓ ଇଲେକ୍‌ଟ୍ରିକାଲ ସର୍ଭିସେସ, ଫାୟାର ଡିଟେକ୍ସନ ଓ ପ୍ରୋଟେକ୍ସନ, ପାଇପିଂ ଓ ପ୍ଲମ୍ବିଂ, ଏୟାରକଣ୍ଡିସନିଙ୍ଗ ଓ ରେଫ୍ରିଜେରେସନ ଲ୍ୟାବ ପରିଦର୍ଶନ କରି ପ୍ରଶିକ୍ଷକ ଏବଂ ପ୍ରଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା କରିଥିଲେ।

୨୦୨୩ ସୁଦ୍ଧା ୱାର୍ଲ୍ଡ ସ୍କିଲ ସେଂଟରରେ ଭର୍ଟିକାଲ ଟ୍ରାନ୍ସପୋର୍ଟେସନ ଏବଂ ୨୦୨୪ ମସିହା ଭିତରେ ପ୍ରେସିସନ ଇଞ୍ଜିନିୟରିଂ ବ୍ୟବସ୍ଥା କରାଯିବ । ଏତଦ୍‌ବ୍ୟତୀତ ଏଠାରେ ଡିଜିଟାଲ ସ୍କିଲିଂ ହବ୍ ପ୍ରତିଷ୍ଠା ହେବ ଏବଂ ଏହା ସ୍କିଲ ପ୍ରତିଯୋଗିତାର ହବ୍ ରୂପେ କାର୍ଯ୍ୟ କରିବ । ଅନ୍ୟମାନଙ୍କ ମଧ୍ୟରେ ୱାର୍ଲ୍ଡ ସ୍କିଲ ସେଂଟରର ସିଇଓ ରେଘୁ ଜି ଓ ୱାର୍ଲ୍ଡ ସ୍କିଲ ସେଂଟରର ଅଧିକାରୀମାନେ ଉପସ୍ଥିତ ଥିଲେ।

ତାଳଗଛ ଯାଉଛି ତାମିଲନାଡୁ, ବଜ୍ରାଘାତ ଖାଉଛି ଓଡ଼ିଶା

ଭୁବନେଶ୍ୱର ,୧୧/୧୦ (ନି.ପ୍ର): ସୁନ୍ଦରଗଡ଼ରୁ ଆସିଥିବା ଏହି ଚିତ୍ର ଦେଖିଲେ, ଯେ-କେହି ବି ବିବ୍ରତ ହେବା ସ୍ୱାଭାବିକ। ପିଲାମାନେ ପଡ଼ିଆରେ ଫୁଟବଲ ଖେଳୁଥିଲେ, ଅନାଚକ୍? ବଜ୍ରାଘାତ ହେଲା। ୨ ଜଣ ଖେଳାଳିଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫ରୁ ଅଧିକ ଆହତ ହେଲେ। କିନ୍ତୁ ପ୍ରଶ୍ନ ହେଉଛି ବଜ୍ରାଘାତର ଏହି ଭୟାବତା ଦିନକୁ ଦିନ ବଢୁଛି କାହିଁକି? ଏହାର ଏକ କାରଣ, ଆପଣଙ୍କୁ ଆହୁରି ବିଚଳିତ କରିପାରେ। ଓଡ଼ିଶାରେ କଟୁଛି ତାଳଗଛ, ଯାଉଛି ତାମିଲନାଡୁ, କିନ୍ତୁ ପରିଣାମ ଭୋଗୁଛି ଓଡ଼ିଶା ! ପ୍ରତି ବର୍ଷ ବଜ୍ରାଘାତରେ ଯାଉଛି ୩୦୦ରୁ ୪୦୦ ଜଣଙ୍କ ଜୀବନ। ଗତ ୫ ବର୍ଷରେ ବଜ୍ରଘାତରେ ୧,୬୬୭ ଜଣଙ୍କ ଜୀବନ ଯାଇଛି। ବଜ୍ରାଘାତ ଜନିତ ମୃତ୍ୟୁରେ ମଧ୍ୟପ୍ରଦେଶ ପରେ ଓଡ଼ିଶାର ସ୍ଥାନ ରହିଛି।

ଢେଙ୍କାନାଳ ଓ ଅନୁଗୁଳ ଅଂଚଳରେ ବ୍ୟାପକ ଭାବେ କଟାଯାଉଛି ତାଳଗଛ। ଆଉ ଏ ସବୁ ଟ୍ରକରେ ବୁହାହୋଇ ତାମିଲନାଡୁ ଯାଉଥିବା କୁହାଯାଉଛି। ରାଜ୍ୟରେ ବ୍ୟାପକ ଭାବେ ତାଳଗଛ କଟିବା କାରଣରୁ କ୍ରମାଗତ ଭାବେ ବଜ୍ରାଘାତ ଜନିତ ମୃତ୍ୟୁ ସଂଖ୍ୟା ବଢୁଥିବା କହୁଛନ୍ତି ବିଶେଷଜ୍ଞ। ତାଳଗଛ, କରେଣ୍ଟର ଏକ ସୁପରିବାହୀ ଭାବେ କାମ କରୁଥିବାରୁ ଉଚ୍ଚ ଶକ୍ତି ବିଶିଷ୍ଟ ବିଜୁଳି କରେଣ୍ଟ ତାଳଗଛରେ ମାଡ଼ ହୋଇ ତୁରନ୍ତ ମାଟି ତଳକୁ ଚାଲିଯାଏ। ଯାହାଫଳରେ ବିଦ୍ୟୁତ ଆଘାତର ଆଶଙ୍କା କମିଯାଏ। ହେଲେ ତାଳଗଛ ସଂଖ୍ୟା କମିବା କାରଣରୁ ବଜ୍ରାଘାତର ଆଶଙ୍କା ବଢ଼ିଯାଉଛି। ଏପଟେ, ତାଳଗଛ ଚାଲାଣରେ କୌଣସି ପ୍ରତିବନ୍ଧକ ନଥିବାରୁ, ବ୍ୟାପକ ଭାବେ ତାଳଗଛ କଟାଯାଇ ବାହାର ରାଜ୍ୟକୁ ମଧ୍ୟ ଚାଲାଣ କରାଯାଉଥିବା ଦେଖାଯାଉଛି। ତାଳଗଛ କଟିଯିବାରୁ ହାତୀମାନେ ବର୍ଷାଦିନେ ପାଟିଲା ତାଳ ଖାଇବାକୁ ନପାଇ ଜନବସତି ଆଡ଼କୁ ମାଡି ଆସୁଛନ୍ତି ଓ ଅଧିକ ଧନଜୀବନ ହାନୀ ହେଉଛି ବୋଲି କହିଛନ୍ତି ପରିବେଶବିତ୍ ଡ. ବିଶ୍ୱଜିତ୍ ମହାନ୍ତି। ସେ କହିବା କଥା ତାମିଲନାଡୁରେ ତାଳ ଗଛ କଟା ବ୍ୟାନ୍ କରାଯାଇଛି। ହେଲେ ଓଡ଼ିଶା ଖୁଲମଖୁଟା ତାଳ ଗଛ କଟା ଚାଲିଛି। ଓଡ଼ିଶାର ଢେଙ୍କାନାଳ ଓ ଅନୁଗୁଳ ଅଂଚଳରୁ ବ୍ୟାପକ ତାଳ ଗଛ କଟାଯାଇ ଟ୍ରକରେ ଚାଲାଣ ହେଉଛି। ନୂଆ ଗଛ ଲଗାଇବା ସମୟ ସାପେକ୍ଷ ହୋଇଥିବା ବେଳେ ପୁରୁଣା ଗଛର ସୁରକ୍ଷା କରାଯାଉନାହିଁ। ଏ ନେଇ ବନ ବିଭାଗକୁ ସେମାନେ ବାରମ୍ବାର ଜଣାଇଛନ୍ତି।

ବଜ୍ରପାତ ମୃତ୍ୟୁ ରୋକିବା ପାଇଁ ବାଂଲାଦେଶ ଭଳି ଓଡ଼ିଶାରେ ବ୍ୟାପକ ତାଳ ଗଛ ପୋତାଯିବ ବୋଲି ଓଡ଼ିଶା ସରକାରଙ୍କ ଅଧିକାରୀମାନେ ୪ ବର୍ଷ ତଳେ ଘୋଷଣା କରିଥିଲେ। ବନ ବିଭାଗ ଓ ପ୍ରାକୃତିକ ଦୁର୍ବିପାକ କର୍ତ୍ତୃପକ୍ଷ ତାଳଗଛ ଲଗାଇବୁ ବୋଲି କହିଥିଲେ। ଗତ ୫ ବର୍ଷରେ କେଉଁ ରାଜ୍ୟରେ କେତେ ଲୋକଙ୍କର ବଜ୍ରପାତରେ ମୃତ୍ୟୁ ଘଟିଛି ତାର ହିସାବ ଲୋକସଭାରେ ମାର୍ଚ୍ଚ ୧୬ ତାରିଖରେ ଆର୍ଥ ସାଇନ୍ସ ବା ପୃଥ୍ୱୀ ବିଜ୍ଞାନ ମନ୍ତ୍ରଣାଳୟର ରାଷ୍ଟ୍ର ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ ଦେଇଥିଲେ। ଯେଉଁଥିରେ ୨୦୧୬ରୁ ୨୦୨୦ ମଧ୍ୟରେ ମଧ୍ୟପ୍ରଦେଶରେ ପରେ ଓଡ଼ିଶାରେ ସର୍ବାଧିକ ଲୋକଙ୍କ ମୃତ୍ୟୁ ବଜ୍ରପାତରେ ଘଟିଥିବା ଦର୍ଶାଇଥିଲେ। ୫ ବର୍ଷରେ ମଧ୍ୟପ୍ରଦେଶରେ ୨,୩୦୧ ଲୋକଙ୍କର ବଜ୍ରପାତରେ ମୃତ୍ୟୁ ଘଟିଥିବା ବେଳେ ଓଡ଼ିଶାରେ ଦ୍ୱିତୀୟ ସର୍ବାଧିକ ୧,୬୬୭ ଲୋକଙ୍କର ମୃତ୍ୟୁ ଘଟିଛି। ଖୋଲା ଖଣି ଅଚଂଳରେ ଅଧିକ ବଜ୍ରପାତ ହେଉଥିବା ଲକ୍ଷ୍ୟ କରାଯାଇଛି। ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ତାଳଗଛ ଡେଙ୍ଗା ହୋଇଥିବାରୁ ବଜ୍ରପାତର ଏକ ସୁପରିବାହୀ ଭଳି କାମ କରେ ଓ ଆସୁଥିବା ଅତ୍ୟଧିକ କରେଣ୍ଟ ତୁରନ୍ତ ମାଟିକୁ ଚାଲିଯାଏ। ଫଳରେ ପ୍ରଚୁର ତାଳଗଛ ଥିବା ଅଞ୍ଚଳର କୃଷକମାନେ ବଜ୍ରାଘାତରୁ ରକ୍ଷା ପାଆନ୍ତି। ପୂର୍ବରୁ ସେଥିପାଇଁ ଅଧିକ ତାଳଗଛ ପୋତାଯାଉଥିଲା। ମାତ୍ର ଏବେ ବିକାଶ ଆଳରେ ଅବିଚାରିତ ଭାବରେ ତାଳ ଗଛ କଟାଯାଉଛି। ସରକାର ୪ ବର୍ଷ ତଳେ ନୂଆ ତାଳ ଗଛ ପୋତିବା କାର୍ଯ୍ୟକ୍ରମ ହାତକୁ ନେବେ କହିଥିଲେ ବି ବିଶେଷକିଛି ହୋଇନାହିଁ।

ଜୟନ୍ତୀ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର ,୧୧/୧୦ (ନି.ପ୍ର): ବିଶିଷ୍ଟ ନାରୀନେତ୍ରୀ, ନିଖିଳ ଭାରତ ମହିଳା କଂଗ୍ରେସ କମିଟିର ସଭାନେତ୍ରୀ, ଜାତୀୟ ମହିଳା କମିଶନର ପ୍ରଥମ ଅଧକ୍ଷା, ପୂର୍ବତନ ରାଜ୍ୟସଭା ଓ ଲୋକସଭା ସାଂସଦ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଧର୍ମପତ୍ନୀ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକଙ୍କ ସ୍ମୃତିରେ ରାଜ୍ୟ ପୂଜା ପ୍ରଣାମ ଟ୍ରଷ୍ଟ ପକ୍ଷରୁ ଏକ ରାଜ୍ୟସ୍ତରୀୟ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ପୂର୍ବତନ କୁଳପତି ଡଃ ହରେକୃଷ୍ଣ ଶତପଥୀଙ୍କ ପୌରହିତ୍ୟରେ ସୋମବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ଆଜ୍ଞାବଚନରେ କହିଲେ ଯେ, ମୃତ୍ୟୁ ଚିରନ୍ତନ ସତ୍ୟ ହୋଇଥିଲେ ମଧ୍ୟ ଆମ ଶାସ୍ତ୍ର କୁହେ କିର୍ତ୍ତୀମାନ ମଣିଷ ମାନଙ୍କର ମୃତ୍ୟୁ ହୁଏନାହିଁ। ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଏକ ସଂସ୍କାରୀ ପରିବାରରୁ ଆସିଥିଲେ। ଏଣୁ କୁସଂସ୍କାର ବିରୁଦ୍ଧରେ ସେ ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ତାଙ୍କ ସଂଗ୍ରାମ ଜାରି ରଖିଥିଲେ। ବିଜେପି ଦଳ ତରଫରୁ ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ ଓ ସଜ୍ଜନ ଶର୍ମା ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ଜୟନ୍ତୀ ଦେବୀ ସ୍ନେହର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ଶ୍ରଦ୍ଧା ଓ ସ୍ନେହରେ ସେ ସମସ୍ତଙ୍କୁ ବାନ୍ଧି ରଖିଥିଲେ। କଂଗ୍ରେସ ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜଣାଇ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା କହିଲେ ଯେ, ତାଙ୍କ ପାଖରେ ତିନୋଟି ବିଷୟ ମୁଁ ଲକ୍ଷ୍ୟ କରିଛି। କାର୍ଯ୍ୟରେ ଦୃଢତା, ସଂକଳ୍ପ ଓ ନିଷ୍ଠା। ସେ ଯେଉଁ କାର୍ଯ୍ୟରେ ହାତ ଦେଉଥିଲେ ସଫଳ ନହେବା ପର୍ଯ୍ୟନ୍ତ, କାର୍ଯ୍ୟରୁ ବିଚ୍ୟୁତ ହେଉନଥିଲେ। ନ୍ୟାୟମୂର୍ତ୍ତି ମନୋରଞ୍ଜନ ମହାନ୍ତି, କମ୍ୟୁନିଷ୍ଟ ନେତା ଅଭୟ ସାହୁ କହିଲେ ଯେ, ସମସ୍ତ ରାଜନୈତିକ ବ୍ୟସ୍ତତା ମଧ୍ୟରେ ସେ ଦୈନିକ ସାହିତ୍ୟ ସାଧନାରୁ କେବେ ଓହରି ଯାଇନଥିଲେ। ସମାଜବାଦୀ ନେତା ରବି ବେହେରା, ଆପ ଦଳ ନେତା ନିଶିକାନ୍ତ ମହାପାତ୍ର ଜୟନ୍ତୀ ଦେବୀଙ୍କୁ କେବଳ ରାଜନୈତିକ ବ୍ୟକ୍ତିତ୍ୱ କହିଦେଲେ ହେବ ନାହିଁ, ଏକାଧାରାରେ ସେ ଜଣେ ଅନୁବାଦିକା, କବି, ସଂସ୍କାରକ ଓ ସୁଗୃହିଣୀ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫରୱାର୍ଡ଼ ବ୍ଲକ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ପାଢୀ, ସିପିଆଇ (ଏମ୍.ଏଲ) ପକ୍ଷରୁ ମହେନ୍ଦ୍ର ପରିଡ଼ା, ରାଷ୍ଟ୍ରବାଦୀ କଂଗ୍ରେସ ପକ୍ଷରୁ ବିକ୍ରମ କୁମାର ସ୍ୱାଇଁ, ଗାନ୍ଧୀବାଦୀ ଜୟନ୍ତ ଦାସ, ବରିଷ୍ଠ ଓକିଲ ବିଜୟ ଦାସ, ପ୍ରଫେସର ବୁଦ୍ଧଦେବ ମିଶ୍ର, ସୁବାର୍ତାର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇ ଜୟନ୍ତୀ ଦେବୀଙ୍କର ବହୁମୁଖୀ ପ୍ରତିଭାର ଅବତାରଣା କରିଥିଲେ। ପୂଜ୍ୟ ପ୍ରଣାମ ଟ୍ରଷ୍ଟର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ସ୍ୱାଗତ ଭାଷଣ ଓ ଶିକ୍ଷାବିତ୍ ବଦ୍ରୀନାଥ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ସମାଜସେବୀ ନିବେଦିତା ଭଞ୍ଜ ବେଦପାଠ କରିଥିଲେ।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୯୫ ଜଣ କରୋନା ସଂକ୍ରମିତ ଚିହ୍ନଟ

ଭୁବନେଶ୍ୱର ,୧୧/୧୦ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ସଂଖ୍ୟା ଏବେ କ୍ରମାଗତ ଶହେ ତଳେ ରହୁଛି। ଗତକାଲି ୭୯ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୯୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ସୂଚନା ରହିଛି। ସେମାନଙ୍କ ମଧ୍ୟରୁ ୦-୧୮ ବର୍ଷ ବୟସ୍କଙ୍କ ମଧ୍ୟରେ ଅଛନ୍ତି ୧୦ ଜଣ। ସଂଗରୋଧ କେନ୍ଦ୍ରରୁ ୫୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମିତ ଅଛନ୍ତି ୩୮ ଜଣ। ଏନେଇ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧୦ ଜଣ, ବରଗଡ଼ରୁ ୧ ଜଣ, ଭଦ୍ରକରୁ ୧, ବଲାଙ୍ଗୀରରୁ ୧, କଟକରୁ ୧୦ ଜଣ, ଗଞ୍ଜାମରୁ ୨ ଜଣ, ଜଗତସିଂହପୁରରୁ ୩ ଜଣ, ଯାଜପୁରରୁ ୨ ଜଣ, କଳାହାଣ୍ଡିରୁ ୫ ଜଣ, କନ୍ଧମାଳରୁ ୩, କେନ୍ଦ୍ରାପଡ଼ାରୁ ୧, କେନ୍ଦୁଝରରୁ ଜଣେ, ଖୋର୍ଦ୍ଧାରୁ ୧୫ ଜଣ, ମୟୂରଭଞ୍ଜରୁ ୫ ଜଣ, ନବରଙ୍ଗପୁରରୁ ୩ ଜଣ, ନୟାଗଡ଼ରୁ ୨, ନୂଆପଡ଼ାରୁ ୩ ଜଣ, ପୁରୀରୁ ୫ ଜଣ, ସମ୍ବଲପୁରରୁ ୫ ଜଣ, ସୁନ୍ଦରଗଡ଼ରୁ ୧୬ ଜଣ ଓ ଷ୍ଟେଟୁଲ୍ଲୁ ୩ ଜଣ ଚିହ୍ନଟ ହୋଇଛନ୍ତି। ନୂତନ ସଂକ୍ରମିତକୁ ମିଶାଇ ସମୁଦାୟ ପଜିଟିଭ୍ ସଂଖ୍ୟା ରହିଛି ୧୩୩୫୦୫୦ ଜଣ। ନୂଆ କରି ସୁସ୍ଥ ହୋଇଛନ୍ତି ୭୫ ଜଣ। ଏବେ ସୁଦ୍ଧା ସମୁଦାୟ ସୁସ୍ଥ ହୋଇ ସାରିଲେଣି ୧୩୨୫୨୦୫ ଜଣ ଓ ଏବେ ବି ସକ୍ରିୟ ଅଛନ୍ତି ୫୯୩ ଜଣ।

୧୬ ଜିଲ୍ଲାରେ ଅଧିକ: ୩ ଜିଲ୍ଲାରେ ନିଅଣ୍ଟିଆ ବର୍ଷା

ଭୁବନେଶ୍ୱର ,୧୧/୧୦ (ନି.ପ୍ର): ରାଜ୍ୟରେ ଅକ୍ଟୋବର ପ୍ରଥମ ୧୦ ଦିନରେ ଘୂର୍ଣ୍ଣିବଳୟ ଓ ସକ୍ରିୟ ମୌସୁମୀ ପ୍ରଭାବରେ ଭଲ ବର୍ଷା ହୋଇଯାଇଛି। ୧୬ଟି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଥିବା ବେଳେ ୩ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି। ଚଳିତ ଅକ୍ଟୋବର ମାସରେ ରାଜ୍ୟରେ ଏଯାଏ ୭୯.୪ ମିମି ବର୍ଷା ହୋଇଯାଇଛି। ଯାହା ସ୍ୱାଭାବିକ ବର୍ଷା ତୁଳନାରେ ୬୫% ଅଧିକ। ଆଜି କିଛି ଜିଲ୍ଲାରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହୋଇଛି। ୧୧ ତାରିଖରୁ ରାଜ୍ୟରେ ବର୍ଷାର ବିସ୍ତୃତି କମିବ। ସମଗ୍ର ଉପକୂଳ ସ?ମେତ ଦକ୍ଷିଣ ଓଡ଼ିଶାରେ ଆଜି ବର୍ଷା ଲାଗିରହିଥିଲା। ଆସନ୍ତକାଲି ଓ ୧୨ ତାରିଖ ଦିନ ରାଜ୍ୟର କିଛି କିଛି ସ୍ଥାନରେ ବିସ୍ତୃତ ବର୍ଷା ହେବ। ୧୩ ତାରିଖରୁ ରାଜ୍ୟରେ ପ୍ରାୟ ବର୍ଷା ସମ୍ଭାବନା ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ମୁତାବକ, ୧ରୁ ୧୦ ଅକ୍ଟୋବର ଯାଏ ରାଜ୍ୟର ୧୬ଟି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଯାଇଛି। ସେହି ଜିଲ୍ଲାଗୁଡ଼ିକ ହେଲା ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ବେ?ଦ୍ଧ, ନୟାଗଡ଼, ଖୋର୍ଧା, ପୁରୀ, କଟକ, ଗଞ୍ଜାମ, ଗଜପତି, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ। ଏହି ସବୁ ଜିଲ୍ଲାରେ ସ୍ୱାଭାବିକ ବର୍ଷାଠାରୁ ୬୦%ରୁ ଅଧିକ ବର୍ଷା ହୋଇଯାଇଛି। ଅନ୍ୟପଟେ କୋରାପୁଟ, ରାୟଗଡ଼ା, କନ୍ଧମାଳ, ଢେଙ୍କାନାଳ, ଯାଜପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ସ୍ୱାଭାବିକଠାରୁ ୨୦%ରୁ ଅଧିକ ବର୍ଷା ହୋଇଛି। ସେହିଭଳି କଳାହାଣ୍ଡି, ବଲାଙ୍ଗୀର, ସୋନପୁର, କେନ୍ଦୁଝର ଓ ଝାରସୁଗୁଡ଼ା ଆଦି ୫ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଛି। ସେହିଭଳି ନୂଆପଡ଼ା, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ ୨୦%ରୁ ଅଧିକ ନିଅଣ୍ଟିଆ ବର୍ଷା ହୋଇଛି।

ସମ୍ବଲପୁର ଓ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ ଆଧୁନିକୀକରଣ କାର୍ଯ୍ୟ: ୪ ପାସେଞ୍ଜର ଟ୍ରେନ୍ ବାତିଲ୍

ଭୁବନେଶ୍ୱର ,୧୧/୧୦ (ନି.ପ୍ର): ସମ୍ବଲପୁର ରେଳମଣ୍ଡଳ ଅନ୍ତର୍ଗତ ଟିଟିଲାଗଡ଼-ସିଙ୍ଗାପୁର ରୋଡ ରେଳ ସେକ୍ସନ ମଧ୍ୟରେ ରୁପ୍ରା ରୋଡ୍-ନର୍ଲା ରୋଡ୍-ଲାଞ୍ଜିଗଡ ରୋଡ୍ ଷ୍ଟେସନ ମଧ୍ୟରେ ତୃତୀୟ ଲାଇନ କାର୍ଯ୍ୟକ୍ଷମ ହେବ। ସେହିପରି ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଅନ୍ତର୍ଗତ କଟକ-ଜଖପୁରା ରୋଡ୍ ରେଳ ସେକ୍ସନ ମଧ୍ୟରେ କପିଳାସ ରୋଡ୍ ଓ ନିର୍ଗୁଣ୍ଡି ଷ୍ଟେସନ୍ ମଧ୍ୟରେ ତୃତୀୟ ଲାଇନ ପ୍ରକଳ୍ପର କାର୍ଯ୍ୟକାରିତାକୁ ଦୃଷ୍ଟିରେ ରଖି ୪ଟି ଟ୍ରେନ୍ ସେବାକୁ ବାତିଲ୍ କରାଯାଇଛି। ବାତିଲ୍ ହେବାକୁ ଥିବା ଟ୍ରେନ୍‌ଗୁଡ଼ିକ ମଧ୍ୟରେ ସମ୍ବଲପୁର-ଜୁନାଗଡ଼ ରୋଡ୍-ସମ୍ବଲପୁର ପାସେଞ୍ଜର (୦୮୩୧୭/୦୮୩୧୮) ସମ୍ବଲପୁରରୁ ୧୪ରୁ ୨୦ ତାରିଖ ଓ ଜୁନାଗଡ଼ ରୋଡରୁ ୧୫ରୁ ୨୧ ତାରିଖ, ରାୟପୁର-ବିଶାଖାପାଟଣା-ରାୟପୁର ପାସେଞ୍ଜର (୦୮୫୨୭/୦୮୫୨୮) ରାୟପୁରରୁ ୧୫ରୁ ୨୧ ତାରିଖ ଓ ବିଶାଖାପାଟଣାରୁ ୧୪ରୁ ୨୦ ତାରିଖ, ରାୟପୁର-ଜୁନାଗଡ଼ ରୋଡ-ରାୟପୁର ପାସେଞ୍ଜର (୦୮୨୭୫/୦୮୨୭୬) ରାୟପୁରରୁ ୧୫ରୁ ୨୦ ତାରିଖ ଓ ଜୁନାଗଡ଼ ରୋଡରୁ ୧୬ରୁ ୨୧ ପର୍ଯ୍ୟନ୍ତ ବାତିଲ୍ ରହିବ। କଟକ-ଭଦ୍ରକ-କଟକ ପାସେଞ୍ଜର (୦୮୪୩୮/୦୮୪୩୭) ଅକ୍ଟୋବର ୧୪ରୁ ୧୭ ଯାଏ ଉଭୟ ଦିଗରୁ ବାତିଲ୍ ରହିବ।

ଆଂଶିକ ବାତିଲ୍ ହେବାକୁ ଥିବା ଟ୍ରେନ୍‌ଗୁଡ଼ିକ ମଧ୍ୟରେ ହାଓଡ଼ା

ସଂଗ୍ରାମୀ ଫକୀର....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ପଣ୍ଡିତ ନେହୁରୁଙ୍କ ପ୍ରଧାନମନ୍ତ୍ରୀତ୍ୱ ବେଳେ ଦିନକୁ ୨୫୦୦୦ ଟଙ୍କା ଖର୍ଚ୍ଚ ହେଉଥିଲା ତାଙ୍କପାଇଁ ଅଥଚ ଲୋକଙ୍କ ମଜୁରି ଥିଲା ତିନିଅଣା । ଏହିକଥା ଲୋହିଆ ନେହୁରୁଙ୍କ ଦୃଷ୍ଟି ଆକର୍ଷଣ କରନ୍ତେ, ସେ କହିଲେ, "ଯୋଜନା କମିଶନ କୁହନ୍ତି ଲୋକଙ୍କ ଦୈନିକ ଆୟ ପନ୍ଦର ଅଣା" । ସତରେ କାହିଁ ୨୫୦୦୦, କାହିଁ ତିନିଅଣା ବା ପନ୍ଦର ଅଣା । ଏମିତିରେ କ'ଣ ଲୋକଙ୍କ ଦୁଃଖ ଯିବ ? ଦେଶର ଲୋକଙ୍କ ଅର୍ଥନୈତିକ ଓ ସାମାଜିକ ସ୍ଥିତିର ଉନ୍ନତି କଲେ । ସେତାଙ୍କ ଲେଖା ଓ ଭାଷାରେ ବହୁ ସଚେତନତା ଶୁଣାଇଛନ୍ତି । ଏମିତିରେ ଧନୀ ଦରିଦ୍ର ଲୋକ ମଧ୍ୟରେ ପାର୍ଥକ୍ୟ ଜାତି-ଅସମାନତା, ପୁରୁଷ-ସ୍ତ୍ରୀ ଅସମାନତା ଏବଂ ବ୍ୟକ୍ତିଗତ ବ୍ୟାପାର ଓ ଗୋପନୀୟତା ଇତ୍ୟାଦି ଅନେକକଥା । ଯେହେତୁ ଭାରତ ଏକ କୃଷିପ୍ରଧାନ ଦେଶ, ସେ ପ୍ରାଥମିକ ଗୁରୁତ୍ୱ ଦେଉଥିଲେ କୃଷି ଉପରେ । କୃଷକମାନଙ୍କ ସମସ୍ୟା ଦୂରୀ କରଣ ନିମନ୍ତେ ସେ ଗଠନ କରିଥିଲେ 'ହିନ୍ଦ୍ କିସାନ ପଞ୍ଚାୟତ । ଦେଶବାସୀଙ୍କ ଏକତା ସୂତ୍ରରେ ବାନ୍ଧି ରଖିବାରେ ଚାହୁଁଥିଲେ ହିନ୍ଦିରାଷ୍ଟ୍ରଭାଷା ହେଉ, ଇଂରାଜି ନୁହେଁ । ଏହା ଉଭୟ ଶିକ୍ଷିତ ଓ ମୂର୍ଖବୁଝିପାରିବେ । ସେ ଜାତି ପ୍ରଥାର ବିରୋଧିଥିଲେ । ସେ ଏହାର ସମୂଳ ନିପାତ ଚାହୁଁଥିଲେ ଏବଂ କହୁଥିଲେ ଏହାର ଏକମାତ୍ର ସମାଧାନ ହେଉଛି 'ରୋଟି ଓ ବେଟି' ଅର୍ଥାତ୍ ଏକାଠି ଖାଅ ଏବଂ ବିବାହରରେ ଯେ କୌଣସି ଝିଅଟିଏ ଗ୍ରହଣ କରିବ ଜାତି ଅର୍ଥରେ ନୁହେଁ । ସେମିତି ଚାହୁଥିଲେ ରାଜନୀତିରେ ତଳିଆ ଜାତି, ସଂଖ୍ୟକୁ ସଂଖ୍ୟାଲଘୁ ଓ ନାରୀମାନଙ୍କୁ ୬୦% ଆସନ ମିଳୁ । ସବୁ ବିଦ୍ୟାଳୟଗୁଡ଼ିକ ସରକାରୀ ବିଦ୍ୟାଳୟହେଲେ ସମସ୍ତେ ସମାନଶିକ୍ଷା ପାଇବେ ଘରୋଇ ବିଦ୍ୟାଳୟ ବନ୍ଦହେଉ । ଅହିଂସା ପ୍ରେମୀ ଅଥଚ ଯେତେବେଳେ ୧୯୬୨ରେ ଚୀନା ଭାରତ ଆକ୍ରମଣ କଲା, ସେ କହିଲେ ଦେଶରକ୍ଷା ପାଇଁ ଭାରତ ବମ୍ ପ୍ରସ୍ତୁତକର । ଏହା ଅବଶ୍ୟ ଆମକୁ ଆଚମ୍ବିତ କଲା ଅଥଚ ଏହାହିଁ ଯୁଗନେଇ ଯଥାର୍ଥ ଥିଲା । ଏମିତି ଜଣେ ଦେଶ ମହାନାୟକଙ୍କର ମହାପାରାୟଣ ଘଟିଲା ୧୨ ଅକ୍ଟୋବର ୧୯୬୭ରେ । ସାରାଜୀବନ କଟିଲା ଅବିବାହିତରେ ଦେଶ ସେବାରେ ଏବଂ ମରଣ ବେଳ ଗଲେ ଜଣେ ଫକୀର ଭାବରେ କିଛି ବି ସଂପତ୍ତି ବା ବ୍ୟାଙ୍କ ମହଜୁଦ୍ ନଛାଡ଼ି ଅଥଚ ଆଜି ନେତାଏ କରୁଛନ୍ତି କ'ଣ ? ଆମେ ତାଙ୍କୁ ଭୁଲିବାର ନାହିଁ । ତାଙ୍କପାଇଁ ଅଶ୍ରୁଝା ରଣ ତଥାପି ମନେରଖିବା ସ୍ମୃତିରେ କରିଛୁ କିଛି ଅନୁଷ୍ଠାନ; 'ଡ଼ ରାମମୋହନ ଲୋହିଆ ନ୍ୟାସନାଲ୍ 'ଇଉନିଭରସିଟ୍, ଲକ୍ଷ୍ନୌ', 'ଡ଼. ରାମମୋହନ ଲୋହିଆ ହସପିଟାଲ୍, ନିଉଦିଲ୍ଲୀ', 'ଡ଼. ରାମ ମୋହନ ମୋହିଆ ଇନ୍‌ଷ୍ଟିଟିଉଟ୍ ଅଫ୍ ମେଡ଼ିକାଲ୍ ସାଇନ୍ସ', 'ଡ. ରାମମୋହନ ଲ' କଲେଜ, ବାଙ୍ଗାଲୋର ୟୁନିଭରସିଟ୍ ।' ଏହା ସହିତ '୧୮ଜୁନ୍ ରୋଡ଼' ପେଞ୍ଚମ, ଗୋଆକୁ ତାଙ୍କ ନାମରେ ନାମିତ ହୋଇଚି । ଦେଶ ବ୍ୟାପୀ ଅନ୍ୟାନ୍ୟ ଅନୁଷ୍ଠାନ ମଧ୍ୟ ଗଢ଼ି ଉଠିଛି । ଏହାବିତ ଯଥେଷ୍ଟ ନୁହେଁ, ତାଙ୍କ ଆଦର୍ଶ ଓ ନୀତିକୁ ଗ୍ରହଣ କରିପାରିଲେ, ତାହାହିଁ ହେବ ଯଥାର୍ଥ । ସେ ଆମର ଥାଆନ୍ତୁ । ତାଙ୍କ ଆଶୀର୍ବାଦ ଏ ଜାତିପ୍ରତି ଥାଉ ।

+ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ବିକାଶ ନଗର, ଜଟଣୀ, ଖୋର୍ଦ୍ଧା,
ମୋ: ୯୯୩୮୩୪୪୧୩୮

ବସ୍ତାରେ ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ ଉପଲକ୍ଷେ ଶୋଭାଯାତ୍ରା

ବସ୍ତା, ୧୧/୧୦(ନି.ପ୍ର): ବାଲେଶ୍ୱରଜିଲ୍ଲା ବସ୍ତା ବ୍ଲକ ବସ୍ତା ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଶ୍ୱ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି।ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇ ଥିବାସ୍ଥଳେ ବେନର ଓ ପ୍ଲାକାର୍ଡସ ସହ ବିଭିନ୍ନ ସ୍ଲୋଗାନ ଦେଇ ଛାତ୍ରଛାତ୍ରୀ ମାନେ ନଗର ପରିକ୍ରମା କରିଥିଲେ । ପ୍ରଧାନାଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ବାଳିକା ଶିକ୍ଷା,ବେଟି ପଢାଓ ବେଟି ବଢାଓ, ସୁକନ୍ୟା ସମୃଦ୍ଧି ଯୋଜନା ପ୍ରଭୃତି ବିଷୟରେ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟ ରେ ପରିଚାଳନା ପରିଷଦ ର କୋଷାଧକ୍ଷ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ପ୍ରଦୀପ କୁମାର ପରିଡା, ବିରାଜ ସିଂଦେଓ, ଉପ ପ୍ରଧାନାଚାର୍ଯ୍ୟ ରଞ୍ଜିତା ପାଢୀ, ପ୍ରଶାନ୍ତ ଗିରି, ସୁଶାନ୍ତି ଲତା ବେହେରା, ସରୋଜ ପାତ୍ର, ପୁଷ୍ପଲତା ପଟ୍ଟନାୟକ, ଅଂଜନ ସାହୁ, ନମିତା ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ।କବିତା ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ।

ଦୀନକୃଷ୍ଣ ପୀଠରେ ରକ୍ତଦାନ : ୪୫ ୟୁନିଟ୍ ସଂଗୃହୀତ

ଜଳେଶ୍ୱର, ୧୧/୧୦(ନି.ପ୍ର): ଆଜି ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଦିଆମାଝିସାହି ପଂଚାୟତ ମୁଣ୍ଡୁତୁଣିଆ ଗାଁରେ ଥିବା ଭକ୍ତକବି ଦୀନକୃଷ୍ଣ ଦାସଙ୍କ ଜନ୍ମ ପୀଠରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଉତ୍କଳ ଯୁବକ ସଂଘ ଓ ପତଞ୍ଜଳି ଯୋଗ ସମିତି ଦ୍ୱାରା ଆୟୋଜିତ ଲକ୍ଷ୍ମୀ ପୂଜା ଅବସରରେ ଏହି ଶିବିରକୁ କରୁଣାକର ଶିଅଳ ଉଦ୍‌ଘାଟନ କରିଥିଲେ । ଡା. ମହେଶ ଚନ୍ଦ୍ର ବିଶ୍ୱାଳ, ମନୋଜ କୁମାର ଦେ, ସୁକୁମାର ରଣା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ତପନ କୁମାର ସାହୁ, ଦୀପକ କୁମାର ସାହୁ, ବିପ୍ଳବ ପ୍ରଧାନ, ସୁଜିତ୍ ସାହୁ, ସଂଜୟ ପାଳ, ସନ୍ତୋଷ ସାହୁ, ସଂଗ୍ରାମ ଜେନା, ଆଶିଷ ସାହୁ, ସଂଜିବ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ମୋଟ ୪୫ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ମିଳିତ ଜାତିସଂଘ ମହାସଭାରେ ....

ରୁଷ ବିରୋଧରେ ଭୋଟ ଦେଇଛି । ରୁଷ ଏଥିପାଇଁ ଗୁପ୍ତ ଭୋଟିଂ ଦାବି କରିଥିଲା । ତେବେ ଭାରତ ଏହାକୁ ବିରୋଧ କରି ସାର୍ବଜନୀନ ଭୋଟ ସପକ୍ଷରେ ଭୋଟ ଦେଇଛି । ପ୍ରଥମ ଦିନରୁ ହିଁ ରୁଷର ଯୁଦ୍ଧକୁ ବିରୋଧ କରି ଆସୁଛି ଆମେରିକା । ଏଭଳିକି ରୁଷ ଓ ଏହାର ଅଧିକାରୀଙ୍କ ଉପରେ କଡ଼ା କଟକଣା ଲଗାଇବା ସହ ୟୁକ୍ରେନକୁ ନାଟୋ ସଦସ୍ୟତା ଦେବା ପାଇଁ ଜୋରଦାର ପ୍ରୟାସ କରୁଛି । ରୁଷ ଆକ୍ରମଣ କରିଛି ଏହାକୁ ସହଜରେ ଗ୍ରହଣ କରି ପାରିନି ଆମେରିକା ଓ ଏହାକୁ ଏକ ବର୍ବରତା କାଣ୍ଡ ଓ ଯୁଦ୍ଧ ଅପରାଧର ନାଁ ଦେଇଛି । ୟୁକ୍ରେନକୁ ସବୁ ପ୍ରକାର ଅତ୍ୟାଧୁନିକ ଅସ୍ତଶସ୍ତ ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛି । ମଙ୍ଗଳବାର ୟୁକ୍ରେନ ରାଷ୍ଟ୍ରପତି ଭୋଲଡମୀର ଜେଲେନସ୍କିଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ । କିନ୍ତୁ ରୁଷକୁ ସମର୍ଥନ ଜଣାଇଛି ବେଲାରୁଷ ଓ କହିଛି ଆଗକୁ ଯଦି ଆବଶ୍ୟକ ପଡେ ତେବେ ବେଲାରୁଷରେ କ୍ରେମଲିନ ତିଆରି କରିବ ନିଜର ନୂଆ ଯୁଦ୍ଧ ବେସ୍ । ସେପଟେ ନାଟୋ କହିଛି ପ୍ରତି ସମୟରେ ୟୁକ୍ରେନ ଦେବ ସବୁ ପ୍ରକାର ସହଯୋଗ । ଏହା ଭିତରେ ୟୁରୋପରେ ଯୁଦ୍ଧ ଆହୁରି ତିବ୍ର ହେବା ନେଇ ଆଶଙ୍କା ବୃଦ୍ଧି ପାଉଛି ।

ଧାମନଗର ଉପନିର୍ବାଚନ : ନାମାଙ୍କନ....

କାଳନ୍ଦୀ ସାମଲ, ଜିଲ୍ଲା ସଭାପତି ହେମନ୍ତ ପାଢ଼ୀଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ । ସୂର୍ଯ୍ୟବଂଶୀ ସୁରଜ ଆଜି ସକାଳେ ନିଜ ପୈତୃକ ଗ୍ରାମ ମଙ୍ଗରାଜପୁରରେ ଥିବା ତାଙ୍କ ପିତା ତଥା ଦିବଙ୍ଗତ ବିଷ୍ଣୁ ଚରଣ ସେଠୀଙ୍କ ସମାଧିସ୍ଥଳୀକୁ ଯାଇ ଆଶୀର୍ବାଦ ନେବା ପରେ ମା'ଙ୍କଠାରୁ ଆଶୀର୍ବାଦ ନେଇ ହଜାର ହଜାର ଲୋକଙ୍କ ଗହଣରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏହି ଅବସରରେ ରାଜ୍ୟ ବିଜେପି ସଭାପତି, ବହୁ ପ୍ରମୁଖ ନେତାଙ୍କ ସମେତ ଧାମନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨ଟି ବ୍ଲକ, ୪୪ଟି ପଂଚାୟତ ଏବଂ ଧାମନଗର ଏନଏସିର ୧୧ଟି ୱାର୍ଡରୁ ୫ ହଜାରରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତା ଓ ସାଧାରଣ ଜନତା ସ୍ୱତଃପ୍ରଭୁତ ଭାବେ ସାମିଲ ହୋଇଥିଲେ । ଦଳୀୟ ପ୍ରାର୍ଥୀ ସୁରଜ୍‌ଙ୍କ ନାମାଙ୍କନ ପତ୍ର ଦାଖଲ କରିବା ଅବସରରେ ଯୋଗଦେଇ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଦୀର୍ଘ ୩୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏ ଅଂଚଳର ଜନସାଧାରଣଙ୍କର ସେବା କରିଛନ୍ତି ସ୍ୱର୍ଗତଃ ବିଷ୍ଣୁ ଭାଇ । ତାଙ୍କ ଅକାଳ ବିୟୋଗ କାରଣରୁ ଏଭଳି ଏକ ଦୁଃଖଦ ସମୟରେ ଉପନିର୍ବାଚନ ହେଉଛି ଓ ବିଜେପିର ସମସ୍ତ କାର୍ଯ୍ୟକର୍ତାମାନେ ନିଜ ନିଜ ମନକୁ ସୁଦୃଢ଼ କରି ନିର୍ବାଚନ ଲଢ଼ିବାର ସାହସ ଯୋଗାଇଛନ୍ତି। ବିଷ୍ଣୁ ଭାଇଙ୍କ ଆବର୍ତମାନରେ ତାଙ୍କ ସୁପୁତ୍ର ତଥା ଦଳୀୟ ପ୍ରାର୍ଥୀ ସୁରଜ୍ ପ୍ରତି ଥିବା ଧାନଗରବାସୀଙ୍କ ଆଜିର ବିପୁଳ ସମର୍ଥନ ଓ ସହାନୁଭୂତି ହିଁ ବିଷ୍ଣୁ ଭାଇଙ୍କ ଲୋକପ୍ରିୟତାକୁ ସ୍ପଷ୍ଟ କରିଛି । ବିଷ୍ଣୁ ଭାଇ ଛାଡିଯାଇଥିବା ବିରାଟ ପରିବାରର ସେବା କରିବା ପାଇଁ ସୁରଜ୍ ସଂପୂର୍ଣ୍ଣ ଯୋଗ୍ୟ ଓ ପ୍ରସ୍ତୁତ । ଜଣେ ଉଚ୍ଚଶିକ୍ଷିତ, ଯୋଗ୍ୟ, ଦକ୍ଷ ଓ ଯୁବକ ସୁରଜ୍‌ଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଧାମନଗର ନିର୍ବାଚନମଣ୍ଡଳୀର ସଚେତନ ଭୋଟର ଭାଇ ଓ ଭଉଣୀମାନେ ଏଭଳି ପ୍ରତିକୁଳ ପରିସ୍ଥିତିରେ ମଧ୍ୟ ତାଙ୍କ ବିଜୟକୁ ସୁନିଶ୍ଚିତ କରାଇବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ଭିଡିଓ କନ୍‌ଫରେନସିଂରେ....

ଅଭିଯୋଗ କରିଥିଲେ। ଚାକିରି ଦେବାକୁ କହି କେମିତି ଅର୍ଚ୍ଚନା ଓ ଜଗବନ୍ଧୁ ତାଙ୍କୁ ବ୍ଲାକମେଲିଂ କରିଥିଲେ ଓ ଏକ ପାର୍ଟିରେ ନିଶାଯୁକ୍ତ ମୃଦୁପାନୀୟ ଦେଇ ତାଙ୍କର ଅଶ୍ଳୀଳ ଭିଡିଓ ତିଆରି କରିଥିଲେ ବୋଲି ଲେଖିଛନ୍ତି। ଏମିତିକି ଅର୍ଚ୍ଚନା, ଜଗବନ୍ଧୁ ଓ ସହଯୋଗୀ ଖଗେଶ୍ୱର ବିଭିନ୍ନ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ କରୁଥିବା ବି ସେ ସେଥିରେ ଉଲ୍ଲେଖ କରିଛନ୍ତି। ଗତ ଏପ୍ରିଲରେ ଅକ୍ଷୟ ପରିଜାଙ୍କ ନମ୍ବର ଦେଇ ପୀଡ଼ିତାଙ୍କୁ ତାଙ୍କ ସହ ଚାଟିଂ ପାଇଁ କହିଥିଲେ ଅର୍ଚ୍ଚନା। ଏହାପରେ ଅକ୍ଷୟ ପରିଜାଙ୍କୁ ଡକାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ। ଆଉ ଉଭୟଙ୍କ ମିଳାମିଶାକୁ ଅର୍ଚ୍ଚନା ସୁଟିଂ କରି ପରେ ବ୍ଲାକମେଲ୍ କରିବା ଆରମ୍ଭ କରିଥିବା ନିଜ ଏଫଆଇଆରରେ ଉଲ୍ଲେଖ କରିଛନ୍ତି ପୀଡ଼ିତା।

ଉଜ୍ଜୈନ ମହାକାଳ କରିଡର....

ଶେଷ ହୋଇଯାଇଛି । ଦ୍ୱିତୀୟ ପର୍ଯ୍ୟାୟ ଖୁବଶୀଘ୍ର ଆରମ୍ଭ ହେବ । ଆଧ୍ୟାତ୍ମିକତା ଓ ଆଧୁନିକୀକରଣ ଦୃଷ୍ଟିରେ ରଖି ଏହି ପ୍ରୋଜେକ୍ଟକୁ କରିବା ବହୁତ ବଡ଼ ଚ୍ୟାଲେଞ୍ଜ । କିନ୍ତୁ ମହାକାଳର ଏହି କରିଡରରେ ଏହାକୁ ବେଶ୍ ଗୁରୁତ୍ୱର ସହ ନିଆଯାଇଛି । ତା'ଛଡ଼ା ମହାକାଳ ପ୍ରକଳ୍ପ ପାଇଁ ୮୦୦ ଘରକୁ ସ୍ଥାନାନ୍ତର କରାଯିବା ସହ ରୁଦ୍ର ସାଗର ପୋଖରୀକୁ ସଫା କରିବା ବଡ଼ ଚ୍ୟାଲେଞ୍ଜିଂ ଥିଲା । ରାଜସ୍ଥାନର ବଂଶୀ ପାହାଡ଼ପୁର ଅଂଚଳରୁ ବାଲୁକା ପଥର ଅଣାଯାଇଥିଲା ଏବଂ କରିଡରର ସୌନ୍ଦର୍ଯ୍ୟ ବୃଦ୍ଧି ସରଂଚନା ନିର୍ମାଣ ପାଇଁ ଏହାର ବ୍ୟବହାର କରାଯାଇଛି । ଆଉ ବଡ଼ କଥା ହେଉଛି ରାଜସ୍ଥାନ ବ୍ୟତୀତ ଗୁଜରାଟ ଓ ଓଡ଼ିଶାର କଳାକାର ଓ ଶିଳ୍ପୀମାନେ ମୁଖ୍ୟତଃ ପଥରକୁ ଖୋଦେଇ କରି ସୌନ୍ଦର୍ଯ୍ୟ ସ୍ତମ୍ଭ ଓ ଫଳକରେ ସଜାଇଛନ୍ତି ।

ଛିଣ୍ଡିଲା ଦଳୀୟ ଚିହ୍ନକୁ ନେଇ....

ସୂଚନା ଅନୁସାରେ, ମହାରାଷ୍ଟ୍ରରେ ରାଜନୈତିକ ସଂକଟ କାରଣରୁ ଉଦ୍ଧବ ଠାକରେଙ୍କ ନେତୃତ୍ୱଧୀନ ମହାବିକାଶ ଅଘାଡ଼ି ସରକାର ଭାଙ୍ଗି ଯାଇଥିଲା । ଯାହା ପରେ ଏକନାଥ ସିନ୍ଦେ ନିଜକୁ ପ୍ରକୃତ ଶିବସେନା ଦାବି କରି ବିଜେପି ସହଯୋଗରେ ମହାରାଷ୍ଟ୍ରରେ ସରକାର ଗଠଡ଼ କରିଥିଲେ । ସେପଟେ ନିଜକୁ ପ୍ରକୃତ ଶିବସେନା ଦାବି କରି ଠାକରେ ଗୋଷ୍ଠୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

କଳିଙ୍ଗ ଷ୍ଟାଡିୟମରେ....

ଷ୍ଟାଡିୟମ୍ ପାଇଁ ତୁମର କିଛି ଦାନ ନାହିଁ। ତୁମେ କେବଳ ଆଧୁନିକୀ କରଣ କରିଛ ଓ ଖେଳ କରାଉଛ। କଳିଙ୍ଗ ଷ୍ଟାଡିୟମ୍‌କୁ କରିଛୁ ଆମେ। ତୁମେ(ନବୀନ) ବାଦ୍‌ସାହା ଭଳିଆ ଭିତରକୁ ଯିବ। ଆଉ ଆମକୁ ଗୋଟିଏ ପାସ୍ ଦେଇ ଗେଟ୍ ପାଖରୁ ଫେରାଇଦେବ ଘୋର ଲଜ୍ଜ୍ୟା। ଏଠି ସବୁ ଅଭଦ୍ର। ଏ ସରକାର ଅଭଦ୍ର। ଏ ମ୍ୟାନେଜମେଣ୍ଟ ଅଭଦ୍ର। ଏହି ପାସ୍ କାହିଁକି ଦେଉଥିଲ ଏହାର କିଛି ମୂଲ୍ୟ ନାହିଁ ବୋଲି ଶ୍ରୀ ରାଉତରାୟ କହିଛନ୍ତି।

ଜନସମ୍ପର୍କ ପଦଯାତ୍ରା

ବାରିପଦା, ୧୧/୧୦(ନି.ପ୍ର): ଆଜି ବିଜୁ ଜନତା ଦଳର ସଭାପତି ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅକ୍ଟୋବର ୨ ତାରିଖରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ନିଷ୍ପତ୍ତି ହୋଇଥିବା ପଦଯାତ୍ରା ପରିପ୍ରେକ୍ଷୀରେ ଆଜି ବାରିପଦା ପୌରପରିଷଦ ଅଞ୍ଚଳର ୨୨ନଂ ୱାର୍ଡର ରଘୁନାଥପୁରଠାରେ ୱାର୍ଡର କାଉନ୍‌ସିଲର୍ ଙ୍କ ଅଧ୍ୟକ୍ଷତାରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହରିହର ମନ୍ଦିରି ପ୍ରାଙ୍ଗଣରୁ ମୁଖ୍ୟ ଅତିଥି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡ. ଦେବାଶିଷ ମାରାଣ୍ଡିଙ୍କ ଉପସ୍ଥିତିରେ ବାରିପଦା ପୌରପରିଷଦର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ବିଜୁ ମହିଳା ଜନତା ଦଳର ସଭାପତି ଦିପ୍ତୀଲତା ମିଶ୍ର, ଜିଲ୍ଲା ଯୋଜନା ବୋର୍ଡ ବିଶେଷଜ୍ଞ ସଦସ୍ୟ ଜିତେନ୍ଦ୍ର ମହାନ୍ତି, ସୋରଜ ବୋଷ, ଯୁବ ସଭାପତି ଅରୁଣ ବରାଳ, ଛାତ୍ର ସଭାପତି ସୁନୀଲ ନାୟକ, ସୁକେଶିନୀ ସେଠୀ, ଅନୁରାଧା ମହାନ୍ତି, ବିଶିକେଶନ ପଟ୍ଟନାୟକ, ଶୀଖା ସ୍ୱାଇଁ, ପୁଜା ତରେଇ, ମୂର୍ଚ୍ଛନା ମହାନ୍ତି, ପୁଜା ଶର୍ମା, ସମ୍ପା ମଜନ୍ଦା, ମହେଶ ଭଞ୍ଜଦେଓ, ଦୀପ୍ତିରେଖା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ୱାର୍ଡରେ ପଥପ୍ରାନ୍ତ ସଭା ମାଧ୍ୟମରେ ସରକାରଙ୍କ ସମସ୍ତ ଜନହିତକର କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ।

ଡେଙ୍ଗୁରେ ମହିଳା ମୃତ

ଖଇରା, ୧୧/୧୦(ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ମହତୀପୁର ଗ୍ରାମ ପଞ୍ଚାୟତ ଅଧୀନ କଣ୍ଟାପଡା ଗ୍ରାମରେ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ରେ ଚିକିତ୍ସିତ ହେଉଥିବା ପୁଷ୍ପାଞ୍ଜଳୀ ଗିରି(୪୭) ମଙ୍ଗଳବାର ଅପରାହ୍ନରେ ଆଖି ବୁଜିଛନ୍ତି । ଖବର ପହଞ୍ଚିବା ପରେ କଣ୍ଟାପଡା ଗ୍ରାମରେ ଶୋକର ଛାୟା ଖେଳି ଯାଇଛି । ବୁଦ୍ଧିରାମ ଗିରିଙ୍କ ପତ୍ନୀ ପୁଷ୍ପାଞ୍ଜଳୀ ପରିବାର ସହ ୧ମାସ ଧରି ଦିଲ୍ଲୀ,ଦୁର୍ଗାପୁର,ରାଜସ୍ଥାନ ଇତ୍ୟାଦି ଅଞ୍ଚଳ ବୁଲି ଘରକୁ ଫେରିବା ପରେ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ । ଜ୍ୱର ନଛାଡିବାରୁ ତାଙ୍କୁ ବାଲେଶ୍ୱର ମେଡିକାଲ ନିଆଯିବା ପରେ ଡେଙ୍ଗୁ ଚିହ୍ନଟ ହୋଇଥିଲା । ପରେ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସାପାଇଁ ଭର୍ତ୍ତୀ ହୋଇଥିଲେ ।

କଲେଜ ଛାତ୍ରୀଙ୍କର ଅସ୍ୱାଭାବିକ ମୃତ୍ୟୁ

ବସ୍ତା, ୧୧/୧୦(ନି.ପ୍ର): ବାଲେଶ୍ୱର ଜିଲ୍ଲା ସିଙ୍ଗଲା ଥାନା ସାର୍ଥା କଲେଜର ଏକ ଘରୋଇ ଛାତ୍ରୀ ନିବାସରେ ଅଘଟଣ। ଗତକାଲି ବିଳମ୍ବିତ ରାତିରେ +୨,1st year science ପଢୁଥିବା ଛାତ୍ରୀ ଜ୍ୟୋତିପ୍ରଭା ଦାସ ଙ୍କ ମୃତ୍ୟୁ କୁ ନେଇ ସନ୍ଦେହ ଘେରରେ ପରିବାର। ମୃତ୍ୟୁ ର କାରଣ ଅସ୍ପଷ୍ଟ ଥିବା ବେଳେ ପୋଲିସ ର ତଦନ୍ତ ଜାରି। ସୂଚନା ଅନୁସାରେ ସିଙ୍ଗଲା ଥାନା ଇଡଦା ପଞ୍ଚାୟତ ର କାଳନ୍ଦା ଗ୍ରାମ ର ସନାତନ ଦାସ ଙ୍କ ଝିଅ ଜ୍ୟୋତି ପ୍ରଭା ଦାସ ଦୂର୍ଗା ପୂଜା ଛୁଟିରେ ଘରକୁ ଆସି ଗତ ଦଶ ତାରିଖରେ ମେସକୁ ଫେରି ଥିଲେ। ବିଦ୍ୟା ରେସିଡେଣ୍ଟାଲ କୁଚିଙ୍ଗ ଏକାଡେମୀ ମେସ ରେ ଉପର ଭାଗରେ ଝିଅ ପିଲା ରହୁଥିବା ବେଳେ ତଳ ଭାଗରେ ପୁଅ ପିଲା ରହୁଥିବା ଜଣାପଡିଛି କ୍ଷ ତେବେ ମେସରେ ରାତିରେ କିଛି ଖାଇ ନଥିବା ବେଳେ ସକାଳ ସମୟରେ ନିତ୍ୟକର୍ମ ସାରି ରୁମକୁ ଯାଇ ତଳେ ପଡିଯାଇଥିଲେ। ତାଙ୍କ ପାଟିରୁ ଫେଣ ବାହାରୁଥିବା ଦେଖି ତୁରନ୍ତ ବାଲେଶ୍ୱର ସରକାରୀ ମେଡିକାଲ କୁ ନିଆଯାଇଥିଲେ ମଧ୍ୟ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଏନେଇ କଲେଜ କର୍ତ୍ତୃପକ୍ଷ ଘଟଣା ସମ୍ପର୍କରେ କିଛି ଜାଣିନାହୁଁ ବୋଲି କହିଥିଲେ । ମୃତକର ସହପାଠୀ ମାନେ ପ୍ରବଳ ଏସିଡ ରୁ ମରିଯାଇଥିବା କହିଛନ୍ତି। ତେବେ ଝିଅର ମୃତ୍ୟୁ ର କାରଣ ଅସ୍ପଷ୍ଟ ଥିବା ବେଳେ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇନାହିଁ। ଘଟଣାରେ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ପୋଷ୍ଟମର୍ଟମ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲ

ବୁଧବାର, ଅକ୍ଟୋବର ୧୨, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଚନ୍ଦ୍ରଭାଗା ବୈଠକ ଓ ଦିବଂଗତଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ

ବାଲେଶ୍ୱର,୧୧/୧୦(ନି.ପ୍ର): ଗତ ଦୁଇବର୍ଷ ମଧ୍ୟରେ ମହାମାରୀ କରୋନା ଜନିତ ଭୟାବହ କାରଣରୁ ଚନ୍ଦ୍ରଭାଗୋତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ବ୍ୟତିକ୍ରମ ହୋଇଥିଲା ବେଳେ ଆଗାମୀ ୩୨/୩୩ ବର୍ଷର ପ୍ରସ୍ତାବିତ 'ଚନ୍ଦ୍ରଭାଗା ଫେଷ୍ଟିଭାଲ୍'ରେ ସପ୍ତାହବ୍ୟାପୀ ଚୂଡ଼ାନ୍ତ କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତ ହୋଇଛି ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ସଂପାଦକ କବି ଶ୍ରୀଦେବ ସୂଚନା ପ୍ରଦାନ କରିଛନ୍ତି। ଉତ୍ସବର ବରିଷ୍ଠ ଉପଦେଷ୍ଟା ଶ୍ରୀମତୀ ଅନସୂୟା ନାୟକଙ୍କ ପୌରୋହିତ୍ୟରେ ଏବଂ ପ୍ରବୀଣ ଆଇନଜୀବୀ ଉପଦେଷ୍ଟା ପର୍ଶୁରାମ ପ୍ରଧାନଙ୍କ ସଂଚାଳନାରେ ସ୍ଥାନୀୟ ଷ୍ଟେସନ କ୍ଲବ୍‌ସ୍ଥ ସଭାଗୃହରେ ସର୍ବପ୍ରଥମେ 'ଚନ୍ଦ୍ରଭାଗା' ସହ ଜଡ଼ିତ ପରଲୋକଗତ ବିଶିଷ୍ଟ ବ୍ୟକ୍ତିତ୍ୱ ସମାଜସେବୀ ପଦ୍ମଶ୍ରୀ ଶାନ୍ତି ଦାସ, ନାଟ୍ୟକାର ରଣଜିତ୍ ପଟ୍ଟନାୟକ, ଶାଲାବୁଢ଼ା ଜାତୀୟ ପୁରସ୍କାର ପ୍ରାପ୍ତ ଚଳଚ୍ଚିତ୍ରର ମୁଖ୍ୟ ଅଭିନେତା ଅଟଳବିହାରୀ ପଣ୍ଡା, ଅଭିନେତା ନିର୍ଦ୍ଦେଶକ ଡ. ପଞ୍ଚାନନ ମିଶ୍ର, ଉପଦେଷ୍ଟା ବିଶିଷ୍ଟ ଡାକ୍ତର ପ୍ରଫୁଲ୍ଲ ଆଚାର୍ଯ୍ୟ, ପ୍ରଶାସନିକ ଅଧିକାରୀ ପିତାମ୍ବର ପତ୍ରୀ, ଡାକ୍ତର କୁନାନନ୍ଦ ଗିରି, ପ୍ରବୀଣ ରାଜନେତା ଅରୁଣ ଦେ, ଗୋପନାରାୟଣ ଦାସ, ଶିଳ୍ପପତି ହିମାଂଶୁ ଦାସ, ଚିତ୍ରଶିଳ୍ପୀ ଦେବେନ୍ଦ୍ର ଖଟୁଆ, କବି ଅଶୋକ କୁମାର ମହାନ୍ତି, କବି-ବିଧାୟକ ବିଷ୍ଣୁ ସେଠୀ, ଚିତ୍ରଶିଳ୍ପୀ ବ୍ୟଙ୍ଗକାର କିଶୋର ରଥ (କଟାକ୍ଷ), ଅଭିନେତା କରୁଣାକର ସାହୁ, ସଦସ୍ୟ ଉମାକାନ୍ତ ଲେଙ୍କା, ସତ୍ୟନାଥ ମାଝୀ (ବାବୁଲି), ସଚିନ୍ଦ୍ର ଦାସ, ଅନୁଷ୍ଠାନର ଘନିଷ୍ଠ ସଦସ୍ୟ ପରେଶ କୁମାର ଗାୟନ, ଚଳଚ୍ଚିତ୍ର ପ୍ରଯୋଜକ ଅଭିନେତା ସୁମନ୍ତ ଦେ, ଶିଳ୍ପପତି ଅମିତ୍ ବେହେରା, ଶିଶୁ ସାହିତ୍ୟିକ ଅନୁବାଦକ ବିନୟ କୁମାର ଦାସ ଏବଂ ଅନ୍ୟତମ ସଦସ୍ୟ ସାଥୀ ଏମ୍.କେ.ଡି. ମଜୁମ୍‌ଦାର ପ୍ରମୁଖଭ୍କ ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା ପୂର୍ବକ ଦିବଂଗତ ଆତ୍ମାମାନଙ୍କ ସଦ୍‌ଗତି କାମନା କରାଯାଇଥିଲା। ୩୨/୩୩ ବର୍ଷର ପ୍ରୋକ୍ତ ଫେଷ୍ଟିଭାଲ୍‌ରେ ପୁନର୍ବାର ୧୭ତମ ସର୍ବଭାରତୀୟ ମହାବିଦ୍ୟାଳୟସ୍ତରୀୟ ବହୁଭାଷୀ କ୍ଷୁଦ୍ରନାଟକ ପ୍ରତିଯୋଗିତା ଏବଂ ୨୭ବର୍ଷର ବାଲେଶ୍ୱର ବହିମେଳା ଅନୁଷ୍ଠିତ ହେବା ସହ ରାଜ୍ୟର ବିଭିନ୍ନ ସ୍କୁଲ୍, କଲେଜ୍ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିବର୍ଷ ପରି 'ନାଟ୍' ଅନୁଷ୍ଠାନ ସହଭାଗିତାରେ ଟେଲେଣ୍ଟ ହଣ୍ଟିଂ (ପ୍ରତିଭା ଅନ୍ୱେଷଣ) କାର୍ଯ୍ୟକ୍ରମ ହେବାର ନିଷ୍ପତ୍ତି ନିଆଯାଇଛି।

ଜିଲ୍ଲାସ୍ତରୀୟ ଆନ୍ତଃବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବାଲେଶ୍ୱର, ୧୧/୧୦(ନି.ପ୍ର): ଜିଲାସ୍ତରୀୟ ୧୭ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବିଭାଗର ଆନ୍ତଃବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା ସ୍ଥାନୀୟ ମିଶନ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଏହି ଜିଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ଶାରୀରିକ ଓ ମାନସିକ ବିକାଶରେ ଫୁଟବଲ ଭଳି କ୍ରୀଡ଼ାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପ୍ରତି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ୧୭ବର୍ଷରୁ କମ ବର୍ଗର ବାଳିକା ବିଭାଗ ଫିଫା ୱାଲ୍ଡ କପ୍ ଖେଳ ଜାରି ରହିଥିବା ବେଳେ ଏହି ଖେଳ ପ୍ରତି ବାଳକ ବାଳିକାଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ନିମନ୍ତେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟବ୍ୟାପୀ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଥିବା ଜିଲ୍ଲାପାଳ ଶ୍ରୀ ଶିନ୍ଦେ ସୂଚନା ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୁତାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, ଫକୀରମୋହନ ବିଶ୍ୱବିଦ୍ୟାଳୟର କ୍ରୀଡା ନିର୍ଦ୍ଦେଶକ ଭାସ୍କର ବେହେରା, ବାଲେଶ୍ୱର ଜିଲ୍ଲା କ୍ରୀଡା ସଂଘର କାର୍ଯ୍ୟକାରୀ ସଭାପତି ଅଧିପ ଦାସ, ସାଧାରଣ ସମ୍ପାଦକ ଅଭୟ ମହାପାତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରାଚୀ ତନୟା ଗିରି, ପବିତ୍ର ମୋହନ ବାରିକ ଓ ଧରଣୀଧର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳରେ ଅଂଶଗ୍ରହଣ କରିଥିବା ଖେଳାଳଙ୍କୁ ଉତ୍ସାହିତ କରିବା ସହିତ ପ୍ରତ୍ୟେକ କ୍ରୀଡ଼ାକୁ ନିୟମ ମଧ୍ୟରେ ସତର୍କତାର ସହ ଖେଳିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଅଶୋକ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ପୁଲିସ ହାଇସ୍କୁଲର ଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ସଭାପରେ ଜିଲ୍ଲା ସ୍କୁଲ, ନୟନା କୁମାରୀ ହାଇସ୍କୁଲ, ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟ, ଟାଉନ ସରକାରୀ ହାଇସ୍କୁଲ ଓ ମଡର୍ଣ୍ଣ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ବାଳକ ଓ ବାଳିକା ବର୍ଗର ଗୋଟିଏ ଲେଖାଏଁ ଦଳ, ମୋଟ ୧୩ଟି ବାଳକ ଓ ୧୩ଟି ବାଳିକା ଦଳ ଅଂଶଗ୍ରହଣ କରୁଥିବା ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଆମ ଆଦମୀର କାର୍ଯ୍ୟକର୍ତ୍ତା ସମ୍ମିଳନୀ

ବସ୍ତା, ୧୧/୧୦(ନି.ପ୍ର): ବାଲେଶ୍ୱର ଜିଲା ବସ୍ତା ନିର୍ବାଚନ ମଣ୍ଡଳୀ ରେ ଆମ ଆଦମୀ ପାର୍ଟି ତରଫରୁ ବସ୍ତା ସ୍ଥିତ ଘୋଷ କଲ୍ୟାଣ ମଣ୍ଡପ ରେ ଆଜି କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସ୍ୱର୍ଣ୍ଣଭାରତ ମଲ୍ଲିକ ଏହି ସମାବେଶ ରେ ସଭାପତିତ୍ୱ କରି ପ୍ରତି ପଞ୍ଚାୟତ ରେ କିଭଳି ଦଳକୁ ମଜବୁତ କରାଯିବ ସେ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଉପ ସଭାପତି ନିକୁଞ୍ଜ ବିହାରୀ ମହାନ୍ତି, ନିର୍ବାଚନମଣ୍ଡଳୀ ସଭାପତି ସରୋଜ କୁମାର ରାଉଳ, କାର୍ଯ୍ୟକାରୀ କମିଟି ସଦସ୍ୟ ମାନସ ରଞ୍ଜନ ଜେନା, ସଂଗ୍ରାମ ମିଶ୍ର, ଜୟନ୍ତୀ ଦାସ, ହେମଲତା ପ୍ରଧାନ, ରଜନୀକାନ୍ତ ଜେନା, ଚିତ୍ତରଞ୍ଜନ ଲେଙ୍କା, ବିଷ୍ଣୁପଦ ଗିରି, ଅମୀୟ ମହାନ୍ତି ପ୍ରମୁଖ ଯୋଗ ଦେଇ ଆଗାମୀ ନିର୍ବାଚନରେ ଦଳର କିଭଳି ଶକ୍ତି ବୃଦ୍ଧି ହେବ ସେ ଦିଗରେ ଆଲୋକପାତ କରିଥିଲେ। ଏହି ଅବସରରେ କର୍ମୀ ମାନେ ଗଡ଼ପଦା ପଞ୍ଚାୟତ ରୁ ଏକ ବାଇକ ଶୋଭାଯାତ୍ରା ରେ ବାହାରି ରାଉତପଡା, ମଥକ୍ଷନୀ, ବାହାର୍ଦ୍ଧା, ସଦାନନ୍ଦପୁର ପଞ୍ଚାୟତ ପରିକ୍ରମା କରି ବସ୍ତା ସ୍ଥିତ କଲ୍ୟାଣ ମଣ୍ଡପ ରେ ପହଞ୍ଚିଥିଲେ। ୪୫ ଟି ପଞ୍ଚାୟତ ରୁ ଦଳୀୟ କାର୍ଯ୍ୟକର୍ତ୍ତା ଏହି ସମାବେଶ ରେ ଉପସ୍ଥିତ ଥିଲେ।

ଓଡ଼ିଶାରେ ଭାରତ ଯୋଡ଼ ଯାତ୍ରାର ସଫଳତା ପାଇଁ କମିଟି ଗଠନ କଲା କଂଗ୍ରେସ

ଭୁବନେଶ୍ୱର, ୧୧/୧୦(ନି.ପ୍ର): ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ସଂପ୍ରତି କନ୍ୟାକୁମାରୀ ଠାରୁ କାଶ୍ମିର ପର୍ଯ୍ୟନ୍ତ ଭାରତ ଯୋଡ଼ ଯାତ୍ରା ଶ୍ରୀଯୁକ୍ତ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲୁଅଛି। ସେହିପରି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ "ଭାରତ ଯୋଡ଼ (ପରିବର୍ତନ) ଯାତ୍ରା" ଆସନ୍ତା ୩୧ତାରିଖ ଦିନ ଭୁବନେଶ୍ୱର ଇନ୍ଦିରା ଗାନ୍ଧୀ ପାର୍କ ଠାରୁ ଆରମ୍ଭ ହେବ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହି ଯାତ୍ରାକୁ ରାଜ୍ୟର ୩୩ ଗୋଟି କଂଗ୍ରେସ ସାଂଗଠନିକ ଜିଲ୍ଲାରେ ସଫଳତାର ସହ ଅନୁଷ୍ଠିତ କରାଇବା ପାଇଁ ଶ୍ରୀ ପଟ୍ଟନାୟକ ଏକ ପ୍ରୋଗ୍ରାମ ଇମ୍ପଲିମେଂଟେସନ କମିଟି ଗଠନ କରିଛନ୍ତି। ଜିଲ୍ଲାରେ କାର୍ଯ୍ୟକ୍ରମ ସଫଳ ହେବା ନିମନ୍ତେ ଏହି କମିଟି ସମସ୍ତ ପଦକ୍ଷେପ ଗ୍ରହଣ କରିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହି କମିଟିରେ ବିଧାୟକ ସନ୍ତୋଷ ସିଂ ସାଲୁଜା ଅଧକ୍ଷ ରହିଥିବା ବେଳେ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ସହ ଅଧକ୍ଷ ଭାବରେ ଓ ସଂଜୟ ତ୍ରିପାଠୀ ଆବାହକ ଭାବରେ ରହିଛନ୍ତି।

ଟେରର ଫଣ୍ଡିଂରେ ଜେଲରେ ଥିବା କଏଦୀର କ୍ୟାନ୍ସରରେ ମୃତ୍ୟୁ

ନୂଆଦିଲ୍ଲୀ, ୧୧/୧୦ : ଟେରର ଫଣ୍ଡିଂରେ ଗତ ପାଂଚବର୍ଷ ହେଲା ତିହାଡ଼ ଜେଲ୍‌ରେ ବନ୍ଦ ସୈୟଦ ଅଲ୍ଲୀ ଶାହ ଗିଲାନୀର ଜାମାତା ଏବଂ କାଶ୍ମୀରୀ ଅଲଗାବବାଦୀ ନେତା ଅଲ୍‌ତାଫ ଫଂଟୁଶର ସୋମବାର ସନ୍ଧ୍ୟାରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ରେ କ୍ୟାନ୍ସର ରୋଗରେ ମୃତ୍ୟୁ ହୋଇଛି। ସେ ୬୨ ବର୍ଷର ଥିଲା। ତା'ର ଲମ୍ବା ଦିନ ଧରି ରାମ ମନୋହର ଲୋହିୟା ହସ୍ପିଟାଲରେ ଚିକିତ୍ସା ଚାଲିଥିଲା। ଦିଲ୍ଲୀ ହାଇକୋର୍ଟ ଆଦେଶରେ ତାକୁ ପାଂଚ ଅକ୍ଟୋବରକୁ କ୍ୟାନ୍ସର ଚିକିତ୍ସା ପାଇଁ ଏମ୍ସରେ ଭର୍ତ୍ତି କରାଯାଇଥିଲା।

ମହମ୍ମଦଙ୍କ ଜନ୍ମ ଜୟନ୍ତୀ ଜଲସାରେ ଖୁସି ବାଣ୍ଟିଲେ ନାରୀ ନେତ୍ରୀ ସୁବାସିନୀ ଜେନା

ବସ୍ତା, ୧୧/୧୦(ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ବାହର୍ଦ୍ଧା ଗ୍ରାମରେ ମହାପୁରୁଷ ମହମ୍ମଦଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ରବିବାର ଗ୍ରାମରେ ବିଶାଳ ପଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ବେଳେ ସମବାର ରାତିରେ ମଦ୍ରାସା କାଦ୍ରିଆ ଅସରଫିଆ କମିଟି ପକ୍ଷରୁ ଏକ ଜଲସା ପ୍ରୋଗ୍ରାମ ଅନୁଷ୍ଠିତ ହୋଇ ଯାଇଛି। ଏହି ଜଲସା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ନାରୀ ନେତ୍ରୀ ସୁବାସିନୀ ଜେନା,୧୫ନଂ ଜୋନ୍ ଜିଲ୍ଲା ପରିଷଦ ଦେବୀକା ସୋରେନ, ବସ୍ତା ବିଜେଡି ବ୍ଲକ ସଭାପତି ଅନୀଲ କୁମାର ମହାନ୍ତି, ଜୟପ୍ରକାଶ ନାରାୟଣ ବେହେରା, ସଞ୍ଜୀବ ଦଳେଇ, ରାଜକିଶୋର ଦାସ, ୱାଡ ର ମେୟର ଅକତାର ଖାଁ, ସାନେରା ବିବି,ସେଖ ମନିରୁଦ୍ଦିନ ଓ ଅନ୍ୟାନ୍ୟ ଗ୍ରାମବାସୀଙ୍କ ସହ ମଦ୍ରାସା କାଦ୍ରିଆ ଅସରଫିଆ କମିଟିର ସମସ୍ତ ସଦସ୍ୟମାନେ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଭଳି କାର୍ଯ୍ୟକ୍ରମର ନିଜକୁ ସାମିଲ ହୋଇ ଭାଇ ଚାରା ବଜାଇ ରହିବା ସହ ଖୁସି ବାଣ୍ଟିବାର ସୁଯୋଗ ମିଳିଥିବାରୁ ନାରୀ ନେତ୍ରୀ ସୁବାସିନୀ ଜେନା ନିଜକୁ ଧନ୍ୟ ମନେ କରିଥିଲେ। ଉପସ୍ଥିତ ଅତିଥିମାନେ ନିଜ ନିଜ ର ମତପ୍ରକାଶ କରିଥିଲା ବେଳେ ଶେଷରେ ସେଖ ଫକିରୁଦ୍ଦିନ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

ଆନ୍ତର୍ଜାତିକ ଶିଶୁ ବାଳିକା ଦିବସ ପାଳିତ

ଭୁବନେଶ୍ୱର, ୧୧/୧୦(ନି.ପ୍ର): ନାରୀର ଉନ୍ନତିରେ ଦେଶର ଉନ୍ନତି। ଜଣେ ନାରୀ ଯେତେ ଅଗ୍ରଗତି କରିବ, ଦେଶ ସେତେ ଅଗ୍ରଗତି ହେବ। କିନ୍ତୁ ଏ ସମାଜ ଝିଅ ଜନ୍ମ ଏକ କଳଙ୍କ ଓ ବୋଝ ଭାବି ଗୋଟିଏ ଶିଶୁ ବାଳିକାକୁ ରାସ୍ତାରେ ଫୋପାଡ଼ି ଦେବା, ମାରିଦେବା, କନ୍ୟାଭ୍ରୁଣ ହତ୍ୟା ପରି ଅନେକ ସମସ୍ୟା ଦେଖାଯାଉଛି। ଏ ସବୁ ସମସ୍ୟାକୁ ଦୂର କରି ଶିଶୁ ବାଳିକାମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ସ୍ୱେଚ୍ଛାସେବୀ ସେବା କେନ୍ଦ୍ର ଭୁବନେଶ୍ୱର ତରଫରୁ ଚନ୍ଦକା ଅଂଚଳରେ ଆନ୍ତର୍ଜାତିକ ଶିଶୁ ବାଳିକା ଦିବସ ପାଳିତ ଅବସରରେ ଏକ ପ୍ଲାକାର୍ଡ଼ ପ୍ରଚାରର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ସେବାକେନ୍ଦ୍ରର ସମ୍ପାଦକ ବାପି ନାୟକ କହିଲେ ଯେ, ଆଜିର ଦିନରେ ନାରୀମାନେ ଅନେକ କ୍ଷେତ୍ରରେ ଅଗ୍ରଣୀ କଲେଣି। ଶିକ୍ଷା କ୍ଷେତ୍ରରେ ମଧ୍ୟ ଛାତ୍ରୀମାନେ ଛାତ୍ରମାନଙ୍କ ଠାରୁ ଆଗରେ ରହୁଛନ୍ତି। ତେଣୁ ଦେଶରେ ନାରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଯୋଗ ଏକ ଖେଳ ଭାବେ ଅଲମ୍ପିକରେ ସ୍ଥାନ ପାଇଛି : ବ୍ରହ୍ମାନନ୍ଦ

ଉଦଳା, ୧୧/୧୦(ନି.ପ୍ର): ଯୋଗକୁ ଏକ ଖେଳ ଭାବେ ଅଲମ୍ପିକରେ ସ୍ଥାନ ଦିଆଯାଇଛି, ସେଥିପାଇଁ ପ୍ରସ୍ତୁତି ପର୍ବ ମଧ୍ୟ ଆଗେଇ ଚାଲିଛି ବୋଲି ଯୋଗ ଗୁରୁ ବ୍ରହ୍ମାନନ୍ଦ ନାୟକ ଜଣାଇଛନ୍ତି। ଯୋଗାସନ ସ୍ପୋର୍ଟସ ଆସୋସିଏସନ ଓଡ଼ିଶା ଶାଖା ତରଫରୁ ତୃତୀୟ ରାଜ୍ୟ ସ୍ତରୀୟ ଯୋଗାସନ ପ୍ରତିଯୋଗିତା ନିକଟରେ ପୁରୀ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୟୂରଭଞ୍ଜରୁ ୧୪ ଜଣ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଉଦଳା ଗୁରୁକୁଳରୁ ହିମାଂଶୁ ମହାନ୍ତ, ଡ଼ମ୍ବରୁଧର ମହାନ୍ତ, ପ୍ରଳୟ ବେହେରା, ଶୁଭମ ସିଂ ଏବଂ ଉଦଳା କର୍ମଚାରୀ ଭବନ ଯୋଗ କକ୍ଷରୁ ରେଖା ବେହେରା ନିଜର ଦକ୍ଷତା ପ୍ରଦର୍ଶନ କରି ଆଗାମୀ ଦିନରେ ଜାତୀୟ ସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଭିନ୍ନ ମହଲରୁ ଏହି ସବୁ ଛାତ୍ର ଛାତ୍ରୀ ମାନଙ୍କ ପ୍ରତି ଶୁଭେଚ୍ଛାର ସୁଅ ଛୁଟିଛି ବୋଲି ଖବର ଆମର ହସ୍ତଗତ ହୋଇଛି।

ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍ୱାସ୍ଥ୍ୟ ବୀମା କାର୍ଡ ପ୍ରଦାନ

ବାରିପଦା, ୧୧/୧୦(ନି.ପ୍ର): କାର୍ଯ୍ୟରତ ସାମ୍ବାଦିକଙ୍କ ନିମନ୍ତେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ରେ ମୟୂରଭଞ୍ଜ ଜିଲ୍ଲାର ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସ୍ୱାସ୍ଥ୍ୟ ବୀମା କାର୍ଡ ପ୍ରସ୍ତୁତ ହୋଇ ଇତି ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ମୟୂରଭଞ୍ଜ, ବାରିପଦା ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, (ଉଦଳା , ରାଇରଙ୍ଗପୁର , କରଞ୍ଜିଆ) ରେ ପହଞ୍ଚି ଯାଇଅଛି। ୨୦୨୨-୨୩ ବର୍ଷ ପାଇଁ ବିଭିନ୍ନ ଗଣମାଧ୍ୟମ ର ଯେଉଁ ପ୍ରତିନିଧି ମାନେ ସ୍ୱାସ୍ଥ୍ୟ ବୀମା ଯୋଜନା ରେ ଆବେଦନ କରିଥିଲେ ସେମାନେ ଯେଉଁ ଉପଖଣ୍ଡ ଅଧୀନରେ କାର୍ଯ୍ୟରତ ଅଛନ୍ତି ସେହି ଉପଖଣ୍ଡ ର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ରୁ ନିଜ ନିଜର ଉକ୍ତ ସ୍ୱାସ୍ଥ୍ୟ ବୀମା କାର୍ଡ ଉପଯୁକ୍ତ ପ୍ରାପ୍ତି ସ୍ୱୀକାର ଜରିଆରେ କାର୍ଯ୍ୟାଳୟର କାର୍ଯ୍ୟ ଦିବସରେ ଗ୍ରହଣ କରି ପାରିବେ ଓ ଜିଲ୍ଲା ପ୍ରତିନିଧି ତଥା ବାରିପଦା ଉପଖଣ୍ଡ ଅଧିନସ୍ଥ କାର୍ଯ୍ୟରତ ପ୍ରତିନିଧି ମାନେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ମୟୂରଭଞ୍ଜ , ବାରିପଦା ରୁ ଉକ୍ତ ସ୍ୱାସ୍ଥ୍ୟ ବୀମା କାର୍ଡ ପ୍ରାପ୍ତି ସ୍ୱୀକାର ଜରିଆରେ କାର୍ଯ୍ୟାଳୟର କାର୍ଯ୍ୟ ଦିବସରେ ଗ୍ରହଣ କରି ପାରିବେ।

ରାଜ୍ୟରେ ନୂଆ ୯୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୧/୧୦(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୯୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୫୦୫୦ କୁ ବୃଦ୍ଧି ପାଇଛି। ନୂଆ ଚିହ୍ନଟ ୯୫ ଆକ୍ରାନ୍ତଙ୍କ ମଧ୍ୟରୁ ୫୭ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୩୮ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି। ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୧୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ନୂଆ ୯୪ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୫୨୦୫ ରେ ପହଂଚିଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୯୩ ରହିଛି। ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୯୫ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୭, ବରଗଡ଼ ଜିଲ୍ଲାରେ ୧, ଭଦ୍ରକ ଜିଲ୍ଲାରେ ୧, ବଲାଙ୍ଗିର ଜିଲ୍ଲାରେ ୧, କଟକ ଜିଲ୍ଲାରେ ୧୦, ଦେବଗଡ଼ ଜିଲ୍ଲାରେ ୧, ଗଞ୍ଜାମ ଜିଲ୍ଲାରେ ୨, ଜଗତସିଂହପୁର ଜିଲ୍ଲାରେ ୩, ଯାଜପୁର ଜିଲ୍ଲାରେ ୨, କଳାହାଣ୍ଡି ଜିଲ୍ଲାରେ ୫, କନ୍ଧମାଳ ଜିଲ୍ଲାରେ ୩, କେନ୍ଦ୍ରାପଡ଼ା ଜିଲ୍ଲାରେ ୧, କେନ୍ଦୁଝର ଜିଲ୍ଲାରେ ୧ ଏବଂ ଖୋର୍ଦ୍ଧ